ଯେହେତୁ ଚିଠା ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି, ୨୦୧୭, ଓଡିଶା ପୌରନିଗମ ଅଧିନାୟକ, ୨୦୦୩ (୨୦୦୩ ର ଓଡିଶା ଅଧିନିୟମ ୧୯) ର ଧାରା ୬୫୭ ଦ୍ୱାରା ଆବଶ୍ୟକ ପ୍ରକାରେ ଓଡିଶା ଗେଜେଟ୍‌ର ଅସାଧାରଣ ପ୍ରକାଶନ ୮୪୪ ତା: ୨୭।୦୪।୨୦୧୭ ରିଖ ସମ୍ବଲପୁର ମହାନଗର ନିଗମ ର ଅନ୍ତର୍ଗତ ଅଧିସୂଚନା ୧୭୯୫ ତା: ୨୨।୦୩।୨୦୧୭ ରିଖ ଭାବରେ ପ୍ରକାଶ କରାଯାଇ ତଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତ ବ୍ୟକ୍ତିଙ୍କ ଠାରୁ ଉକ୍ତ ଅଧିସୂଚନା ଓଡିଶା ଗେଜେଟ୍‌ରେ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଆପତ୍ତି ଓ ପ୍ରସ୍ତାବନାମାନ ଆହ୍ୱାନ କରାଯାଇଥିଲା ।

ଏବଂ ଯେହେତୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉପରୋକ୍ତ ଚିଠା ଉପବିଧି ସମ୍ବନ୍ଧରେ କୌଣସି ଆପତ୍ତି ଓ ପ୍ରସ୍ତାବମାନ ସମ୍ବଲପୁର ମହାନଗର ନିଗମ ଦ୍ୱାରା ପ୍ରାପ୍ତ ହୋଇନାହିଁ ।

ସୁତରାଂ, ସଂପ୍ରତି ଓଡିଶା ପୌରନିଗମ ଅଧିନାୟକ (୨୦୦୩ ର ଅଧିନୀୟମ - ୧୯) ର ଧାରା ୬୫୭, ୬୫୮ ଏବଂ ୬୫୯ ପାଠ ମୁତାବକ ଉପରୌକ୍ତ ଅଧିନିୟମ ଧାରା ୩୩୬ ଠାରୁ ୩୪୫ ଏବଂ ୮ ଏପ୍ରିଲ୍ ୨୦୧୬ ରେ ଭାରତର ଗେଜେଟ୍ ଭାଗ (II) ଏବଂ ଉପଭାଗ ୩(II)ରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶ (ସୁରକ୍ଷା) ଆଇନ୍ ୧୯୮୬ (୧୯୮୬ର ୨୯) ଦ୍ୱାରା ପ୍ରସ୍ତୁତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଅନୁଚ୍ଛେଦ ୧୫ର ଉପଭାଗ (e), (f) , (zf) ଅନୁସରଣରେ ଏବଂ ଓଡିଶା ସରକାରଙ୍କ ମଞ୍ଜୁରୀ ପ୍ରାପ୍ତ ହୋଇସମ୍ବଲପୁର ମହାନଗର ନିଗମ ପରିସୀମା ମଧ୍ୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ନିମ୍ନଲିଖିତ ଉପବିଧିକୁ ସମ୍ବଲପୁର ମହାନଗର ନିଗମ ଦ୍ୱାରା ଲାଗୁ କରାଗଲା ।

## ଅନୁଚ୍ଛେଦ -୧

## (ସାଧାରଣ)

୧.**ସଂକ୍ଷିପ୍ତନାମ କରଣ ଏବଂ ପ୍ରାରମ୍ଭ:**(1)ଏହି ଉପବିଧି **ସମ୍ବଲପୁର ମହାନଗର ନିଗମ**କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପବିଧି, ୨୦୧୭ ଭାବରେ ପରିଚିତ ହେବ।

(2) ଓଡିଶା ଗେଜେଟ୍ ରେ ପ୍ରକାଶିତ ହେବା ଦିନଠାରୁ ଏଗୁଡିକ କାର୍ଯ୍ୟକାରୀ ହେବେ ।

୨.**ପ୍ରୟୋଗ:** ପରିବେଶ (ସୁରକ୍ଷା) ଆଇନ୍ ୧୯୮୬ରେ ବିଶେଷ ଭାବରେ ଉଲ୍ଲେଖିତଶିଳ୍ପଜାତ ବର୍ଜ୍ୟବସ୍ତୁ, ବିପଜ୍ଜନକ ବର୍ଜ୍ୟବସ୍ତୁ, ବିପଜ୍ଜନକ ରାସାୟନିକ ପଦାର୍ଥ, ଜୈବ ଭେଷଜ ବର୍ଜ୍ୟବସ୍ତୁ, ଇ-ବର୍ଜ୍ୟବସ୍ତୁ, ସୀସା ଏସିଡ୍ ବ୍ୟାଟେରୀ, ଏବଂ ରେଡିଓ ଆକ୍ଟିଭ ବର୍ଜ୍ୟବସ୍ତୁ ବ୍ୟତିରେକ ଏହି ଉପବିଧିର ସମ୍ବଲପୁର ମହାନଗର ନିଗମଅଧିନରେ ଥିବା ପ୍ରତ୍ୟେକ ଘରୋଇ, ଅନୁଷ୍ଠାନଗତ, ବ୍ୟବସାୟିକ ଏବଂ ଅନ୍ୟାନ୍ୟ ଅଣ ଆବାସିକ କଠିନ ବର୍ଜ୍ୟବସ୍ତୁ ଉତ୍ପାଦକଙ୍କ ପାଇଁ ପ୍ରଯୁଜ୍ୟ ହେବ।

**୩.ସଂଜ୍ଞା:** ବିଷୟ କିମ୍ବା ପ୍ରସଙ୍ଗର କୌଣସି କାରଣରୁ ପ୍ରତିକୂଳ ଆଚରଣ କରୁ ନଥିଲେ, ଏହି ଉପବିଧି ଗୁଡିକରେ :

a) 'ଏରୋବିକ୍ କମ୍ପୋଷ୍ଟିଂ' ଅର୍ଥ ଅମ୍ଳଜାନ ଉପସ୍ଥିତିରେ ଜୈବପଦାର୍ଥର ଅଣୁଜୀବୀ ବିଘଟଣର ଏକ ନିୟନ୍ତ୍ରିତ ପ୍ରକ୍ରିୟା ।

b) 'ଆନାରେଓବିକ୍ ଡାଇଜେସନ୍ର'ଅର୍ଥ ଅମ୍ଳଜାନର ଅନୁପସ୍ଥିତିରେ ଜୈବପଦାର୍ଥର ଅଣୁଜୀବୀ ବିଘଟଣରେ ପାଚନକ୍ରିୟାର ଏକ ନିୟନ୍ତ୍ରିତ ପ୍ରକ୍ରିୟା ।

c) ମାଟିରେ ମିଳାଇଯାଇପାରୁଥିବା ଜୈବ ପଦାର୍ଥ କହିଲେ ବୁଝାଯାଏ ଯେ, ଏକ ଦ୍ରବ୍ୟ ଯାହା ଅଣୁଜୀବମାନଙ୍କ ଦ୍ୱାରାସରଳ ଅପରିବର୍ତ୍ତିତ ଯୁଗ୍ମବସ୍ତୁକୁ ପରିବର୍ତ୍ତିତ ହୋଇ ନଷ୍ଟ ହୋଇଯାଇପାରିବ ।

d) ଜୈବଭେଷଜ ବର୍ଜ୍ୟବସ୍ତୁର ଅର୍ଥ- ଯେ କୌଣସି  ବର୍ଜ୍ୟବସ୍ତୁ ଯାହା ମନୁଷ୍ୟ କିମ୍ବା ପ୍ରାଣୀ ରୋଗ ନିରୂପଣ, ଉପଚାର ଏବଂ ଟୀକାକରଣ ସମୟରେ କିମ୍ବା ସେଗୁଡ଼ିକର ଗବେଷଣା କାଳରେ କିମ୍ବା ଉତ୍ପାଦନଙ୍କର କିମ୍ବା ଜୈବିକ ପରୀକ୍ଷଣ କିମ୍ବା ସ୍ୱାସ୍ଥ୍ୟ ଶିବିର ରେ ସୃଷ୍ଟି ହୋଇଥାଏ ।

e) 'ଜୈବ ମିଥେନେସନ' କହିଲେ,ଏକ ପ୍ରକ୍ରିୟାକୁ ବୁଝାଏ, ଯାହାଦ୍ୱାରା ମିଥେନପୁଷ୍ଟ ଜୈବ ଗ୍ୟାସ ସୃଷ୍ଟି ପାଇଁ ଜୈବିକ ପ୍ରକ୍ରିୟା ମାଧ୍ୟମରେ ଜୈବବସ୍ତୁର ଅପଘଟନ କରାଯାଇଥାଏ ।

f) ବହୁ ପରିମାଣର ବଗିଚା ଓ ଉଦ୍ୟାନକୃଷି ବର୍ଜ୍ୟବସ୍ତୁ କହିଲେ, ପ୍ରତ୍ୟେହ ସଂଗ୍ରହ କରିହେବା ଭଳି ଜୈବ ବିଘଟଣ ବର୍ଜ୍ୟବସ୍ତୁ ମଧ୍ୟରେ ସାମିଲ ହୋଇପାରୁନଥିବା, କଟାଘାସ, ଗୁଳ୍ମ, ଗଛର ଶୁଖିଲା ଡାଳପତ୍ର, ପାଳ, କଟା କାଠ, ତୃଣ, ଶୁଖିଲାପତ୍ର, କଟାଗଛ ଭଳି ବାଦାମୀ କାଠ ଇତ୍ୟାଦି ସମେତ ବଗିଚା ଓ ପାର୍କରୁ ଉଦ୍‌ବୃତ ବର୍ଜ୍ୟବସ୍ତୁକୁ ବୁଝାଏ ।

g) ସଂଗ୍ରହ କହିଲେ ନିର୍ଦ୍ଧାରିତ କିମ୍ବା ନିର୍ଦ୍ଦିଷ୍ଟ ସ୍ଥାନରୁ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ କୁ ବୁଝାଏ ।

h) ଉତ୍ସରୁ ସଂଗ୍ରହ କହିଲେ ପୌରନିଗମ ଦ୍ୱାରା ସିଧାସଳଖ ଭାବରେ କୌଣସି କୋଠାଘର ଏବଂ ଅନେକ ଘରର ସାଧାରଣ ପରିସରରୁ ସଂଗୃହୀତ ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁକୁ ବୁଝାଏ । ଏହାକୁ ଦ୍ୱାରରୁ ଦ୍ୱାର ସଂଗ୍ରହକୁ ମଧ୍ୟ ବୁଝାଏ ।

i) କଂପୋଷ୍ଟିଂଗ୍ କହିଲେ ଜୈବବସ୍ତୁର ଅଣୁଜୈବିକ ବିଘଟଣର ନିୟନ୍ତ୍ରିତ ପ୍ରକ୍ରିୟାକୁ ବୁଝାଏ ।

j) ବର୍ଜ୍ୟବସ୍ତୁର ଗଠନ ଏବଂ ନଷ୍ଟୀକରଣ କହିଲେ ଘରତିଆରି ନବୀକରଣ ମରାମତି ଏବଂ ଉଚ୍ଛେଦ କାଳରେ ଉପଯୋଗ ଏବଂ ସୃଷ୍ଟ ଗୃହୋଉପକରଣ, ଅଳିଆ, ଇଟାପଥର ଖଣ୍ଡ ଇତ୍ୟାଦି ଭଗ୍ନାବଶେଷକୁ ବୁଝାଏ ।

k) ସହ ପ୍ରକିୟାକରଣ କହିଲେ ଶିଳ୍ପାୟନ ପ୍ରକିୟାରେ ପ୍ରାକୃତିକ ଖଣିଜଉସ୍ ଓ ଜୀବାଶ୍ମ ଜାଳେଣୀର ପୁନଃସ୍ଥାପନ/ଅନୁପୁରଣ କରିବା ନିମିତ୧୫୦୦କ୍ୟାଲୋରୀ ରୁ ଅଧିକ କ୍ୟାଲୋରୀ କ୍ଷମ ଜୈବିକ ଅଣୁବିଘଟଣ ଏବଂ ପୁନଃ ରୂପାୟନ କ୍ଷମତା ବର୍ଜିତ କଠିନ ବର୍ଜ୍ୟବସ୍ତୁକୁ ଶକ୍ତିଉସ୍ ବା ମୌଳିକ ବସ୍ତୁ କିମ୍ବା ଉଭୟେ ଭାବରେ ବ୍ୟବହାର କରିବାକୁ ବୁଝାଏ ।

l) 'ନିଷ୍କାସନ' କହିଲେ, ଭୂତଳ ଜଳ, ଭୂପୃଷ୍ଠ ଜଳ, ପରିବେଷ୍ଟିତ ବାୟୁମଣ୍ଡଳର ସଂଦୁଷଣ ଏବଂ ପଶୁପକ୍ଷୀଙ୍କ ଆକର୍ଷଣକୁ ପ୍ରତିରୋଧ କରିବା ପାଇଁ ପ୍ରକିୟାକରଣ ଉପରୋକ୍ତ ରାସ୍ତା ସଫେଇ ପରେ ଜମିଥିବା ସ୍ଥାଣୁ ଏବଂ ଭୂମିରେ ଡ୍ରେନ୍ ଭିତରେ ଜମିଥିବା ମାଟି ଆସ୍ତରଣର ବଳକା କଠିନ ବର୍ଜ୍ୟବସ୍ତୁର ଅନ୍ତିମ ଓ ସୁରକ୍ଷିତ ନିଷ୍କାସନକୁ ବୁଝାଏ ।

m) 'ଦ୍ୱାର କୁ ଦ୍ୱାର ସଂଗ୍ରହ' କହିଲେ ବାସଗୃହ, ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ, ଅନୁଷ୍ଠାନ ଏବଂ ଅନ୍ୟ ଯେ କୌଣସି ଅଣଆବାସିକ ପରିସରର ଦ୍ୱାରଦେଶରୁ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ବୋଲି ବୁଝାଏ ଏବଂ, କୌଣସି ଆବାସ ସୋସାଇଟି, ବହୁତଳ ବାସଗୃହ ବା ଆପାର୍ଟମେଣ୍ଟ ବା ଦୀର୍ଘ ଆବାସିକ, ବ୍ୟବସାୟିକ କିମ୍ବା ଆନୁଷ୍ଠାନିକ କମ୍ପ୍ଲେକ୍ସର ପରିସରର ପ୍ରବେଶପଥ କିମ୍ବା ତଳମହଲାର ଏକ ନିର୍ଦ୍ଧାରିତ ସ୍ଥଳରୁ ଏପ୍ରକାର ବର୍ଜ୍ୟବସ୍ତୁ ସଂଗ୍ରହକୁ ବୁଝାଏ ।

n) 'ଦ୍ୱାର କୁ ଦ୍ୱାର'ସଂଗ୍ରହ ଧାରା ବା ଗାଡି ହେଉଛି, ଘଣ୍ଟି ବଜାଉଥିବା ଗାଡି (ଏ ଗୁଡିକ ମଇଳାବୁହା ଗାଡି, ଶଗଡ, ଭ୍ୟାନ, ଟ୍ରକ, ହାତଟଣା ଗାଡି, ସାଇକେଲ, ରିକ୍ସା, ଅଟୋରିକ୍ସା, ମୋଟରଗାଡି, ଏବଂ ପ୍ରତ୍ୟେକ ଚକଲଗା ଗାଡି ଯାହା ରାସ୍ତାରେ ବ୍ୟବହୃତ ହୋଇପାରିବେ) । ଏଗୁଡିକ ନିର୍ଦ୍ଧିଷ୍ଟ ସ୍ଥାନରୁ ସ୍ଥାନକୁ ମ୍ୟୁନିସ୍ପାଲ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ମ୍ୟୁନିସ୍ପାଲ କର୍ପୋରେସନ ଦ୍ୱାରା ନିୟୋଜିତ ହୋଇଥାନ୍ତି ।

o) ଗୃହନିସୃତ ବିପଦଜ୍ଜନକ ବର୍ଜ୍ୟବସ୍ତୁ କହିଲେ–ବିପଜ୍ଜନକ ରାସାନିୟକ ଦ୍ରବ୍ୟ ଦ୍ୱାରା ଦୂଷିତ ହୋଇଥିବା ଗୃହନିସୃତ ବର୍ଜ୍ୟବସ୍ତୁ ବା ସାମଗ୍ରୀ ଭାବରେ ଫିଙ୍ଗାଯାଇଥିବା ରଙ୍ଗଡବା, କୀଟନାଶକ ଔଷଧଡବା, CFL ବଲ୍‌ବ, ଟ୍ୟୁବଲାଇଟ୍ ,ତାରିଖ ଅତିକ୍ରାନ୍ତ ଔଷଧ, ଭଙ୍ଗା ଥର୍ମୋମିଟର, ବ୍ୟବହୃତ ବ୍ୟାଟେରୀ, ବ୍ୟବହୃତ ଛୁନଚି,ଗଜ,ସିରିଞ୍ଜ,ଇତ୍ୟାଦି ଭଳି ସଂକ୍ରମିତ ବର୍ଜ୍ୟବସ୍ତୁକୁ ବୁଝାଏ ।

p) ଶୁଷ୍କ ବର୍ଜ୍ୟବସ୍ତୁ ଅର୍ଥ ଜୈବ ବିଘଟନ ଯୋଗ୍ୟ ବର୍ଜ୍ୟବସ୍ତୁ ଏବଂ ରାସ୍ତା ସଫେଇରୁସୃଷ୍ଟ ସ୍ଥାଣୁ ବର୍ଜ୍ୟବସ୍ତୁ ବ୍ୟତୀତ ପୁନଃବ୍ୟବହାର ଯୋଗ୍ୟ ଏବଂ ପୁନଃବ୍ୟବହାର ଅଯୋଗ୍ୟ ବର୍ଜ୍ୟବସ୍ତୁ ,ଦାହ୍ୟ ବର୍ଜ୍ୟବସ୍ତୁ, ଏବଂ ସାନିଟାରୀ ନ୍ୟାପକିନ୍ ଓ ଡାଇପର ଇତ୍ୟାଦି କୁ ବୁଝାଏ ।

q) ଆବର୍ଜନା ଗଦେଇବା ସ୍ଥାନ କହିଲେ ପୌରନିଗମଦ୍ୱାରା ସୁସ୍ଥ ଖାଲୁଆ ଜମି ପୂରଣ ପଦ୍ଧତି ବ୍ୟବହାର ନକରି ଅବୈଜ୍ଞାନିକ ପଦ୍ଧତିରେ କଠିନ ବର୍ଜ୍ୟବସ୍ତୁ ଫିଙ୍ଗିବାର ବ୍ୟବହୃତ ସ୍ଥାନକୁ ବୁଝାଯାଏ ।

r) ଇ-ବର୍ଜ୍ୟବସ୍ତୁ କହିଲେ, ସାମଗ୍ରିକ ଭାବରେ କିମ୍ବା ଆଂଶିକ ଭାବରେ ଉତ୍ପାଦନ ତୃଟିଥିବା ମରାମତି ହୋଇ ନପାରୁନଥିବା ଫିଙ୍ଗା ଯିବାପାଇଁ ଉଦ୍ଦିଷ୍ଟ ବିଦ୍ୟୁତ ସରଞ୍ଜାମକୁ ବୁଝାଏ ।

s) ସୁବିଧା-facility କହିଲେ ଯେଉଁଠାରେ ପୃଥିକୀକରଣ, ସଂଗ୍ରହ, ସାଇତିରଖିବା, ସଂଗ୍ରହ, ପୁନଃଚକ୍ରଣ କ୍ଷମ, ପ୍ରକିୟାକରଣ, ଉପଚାର କିମ୍ବା ନିର୍ବିବାଦ ହସ୍ତାନ୍ତରଣ କାର୍ଯ୍ୟ ଚାଲୁଥାଏ;ତାହାକୁ ବୁଝାଏ ।

t) ଜୋରିମାନା- କହିଲେ, ଏହି ଉପଧାରାର ନିର୍ଦ୍ଦେଶାବଳୀକୁଉଲଘଂନ କରିଥିବା ବର୍ଜ୍ୟବସ୍ତୁ ଉତ୍ପାଦକ ବା ପ୍ରକିୟାକରଣ, କିମ୍ବା ବିନଷ୍ଟକରଣ ପ୍ରକିୟାର ପରିଚାଳକଙ୍କ ଉପରେ ପ୍ରଦତ ଦଣ୍ଡକୁ ବୁଝାଏ ।

u) ନିୟନ୍ତ୍ରଣ କରିବା (handling) କହିଲେ, କଠିନ ବର୍ଜ୍ୟବସ୍ତୁକୁ ବାଛିବା ପ୍ରକିୟା, ପୃଥକୀକରଣ, ବସ୍ତୁ ପୁନଃପ୍ରାପ୍ତି, ସଂଗ୍ରହ,ପରବର୍ତୀକାଳୀନ ସଂରକ୍ଷଣ, ଟୁକୁରା କରିବା, ଗାଣ୍ଠିକରିବା, ଗୁଣ୍ଡକରିବା, ଚଢେଇବା, ଉତାରିବା, ଏକତ୍ରିତ କରିବା, ଚାଲାଣକରିବା, ପ୍ରକିୟାକରଣ ଓ ନଷ୍ଟକରିବାକୁ ବୁଝାଏ ।

v) 'ଆର୍ବଜନା ଦହନ କୌଶଳ' କହିଲେ-ଅଧିକ ଉତ୍‌ତାପରେ କଠିନ ବର୍ଜ୍ୟବସ୍ତୁକୁ ଦାହ୍ୟକରି ତାପଜ ବିଘଟଣ କରିବାର ଯାନ୍ତ୍ରିକ ପ୍ରକ୍ରିୟାକୁ ବୁଝାଏ ।

w) ସ୍ଥାଣୁ ବର୍ଜ୍ୟବସ୍ତୁ କହିଲେ ଯାହା ଜୈବବିଘଟଣ, ପୁନଃବ୍ୟବହାରୀକରଣ କିମ୍ବା ଦହ୍ୟ କରାଯାଇହେବନାହିଁ । ଏଥିରେ ନିର୍ମାଣବସ୍ତୁର ପୁନଃବ୍ୟବହାର ଅଯୋଗ୍ୟ ଅଂଶ ଏବଂ ଭଗ୍ନଗୃହ ଅଂଶ, ରାସ୍ତା ସଫେଇ, ଧୂଳି, ଏବଂ ଡ୍ରେନରୁ ବାହାରିଥିବା ପଟୁ ଇତ୍ୟାଦି ଅନ୍ତର୍ଭୁକ୍ତ ।

x) ଆନୁଷ୍ଠାନିକ ଉତ୍ପାଦକ କହିଲେ କେନ୍ଦ୍ରୀୟ ସରକାରୀ ବିଭାଗ, ରାଜ୍ୟ ସରକାରୀ ବିଭାଗ, ଘରୋଇ କିମ୍ବା ସର୍ବସାଧାରଣ କମ୍ପାନୀ, ବିବାହମଣ୍ଡପ, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ହଷ୍ଟେଲ ଏବଂ ରେଷ୍ଟୁରାଣ୍ଟ ଇତ୍ୟାଦି ଭଳି କୋଠାର ଆନୁଷ୍ଠାନିକ ଅଧିକାରୀମାନଙ୍କୁ ବୁଝାଏ ।

y) ଖାଲପୋତିବା(ଲ୍ୟାଣ୍ଡ ଫିଲିଙ୍ଗ)–କହିଲେ ଭୂପୃଷ୍ଠଜଳ, ଭୂତଳଜଳ, ବାୟୁବାହିତ ଧୂଳି, ବାୟୁବାହିତ ଆବର୍ଜନା, ଦୁର୍ଗନ୍ଧ, ଅଗ୍ନିବ୍ୟୁତ୍ପାତ,ପକ୍ଷୀ ବିତ୍‌ପାତ, କୀଟନାଶକ, ସବୁଜ କୋଠରୀ ଗ୍ୟାସ ନିର୍ଗମନ,ଗଢ଼ାଣି ଅସୁରକ୍ଷା ଏବଂ ଭୂସ୍ଖଳନ ଆଦିରୁ ସୃଷ୍ଟପ୍ରଦୂଷଣରୁ ସୁରକ୍ଷା ଉପାୟ ଭାବରେ ପରିକଳ୍ପିତ କଠିନ ବର୍ଜ୍ୟବସ୍ତୁରେ ଗଭୀର ଖାଲଭରଣାକୁ ବୁଝାଏ ।

z) କଠିନ ସ୍ତର ଭେଦକରି ଅନୁପ୍ରବେଶ କରିବା କହିଲେ ଏକ ତରଳବସ୍ତୁକୁ ବୁଝାଏ । ଯାହା କଠିନ ବର୍ଜ୍ୟବସ୍ତୁ କିମ୍ବା ଅନ୍ୟାନ୍ୟ ମାଧ୍ୟମକୁ ଅତିକ୍ରମ କରେ ଏବଂ ସେଥିରେ ପରିତ୍ୟକ୍ତ କିମ୍ବା ମିଶ୍ରିତ ବସ୍ତୁ ରହିଥାଏ ।

aa) ଏଣେତେଣେ ପଡିଥିବା ଅନାବଶ୍ୟକ ପଦାର୍ଥ କହିଲେ -ପ୍ରତ୍ୟେକ ପରିତ୍ୟକ୍ତ ବସ୍ତୁକୁ ବୁଝାଏ । ଏହା ଯେ କୌଣସି ବସ୍ତୁକୁ ବୁଝାଏ । ଏହି ଉପବିଧି ଅନୁସାରେ ବାରଣ କରାଯାଇଥିବା ଏଗୁଡିକୁ ଯଦି ଫିଙ୍ଗାଯାଏ ବା ଏକତ୍ରିତ କରାଯାଏ, ତେବେ ତାହା ଅହିତକର ହେବ କିମ୍ବା ଜମିବନ ପରିବେଶ, ସର୍ବସାଧାରଣ ସ୍ୱାସ୍ଥ୍ୟ, ସୁରକ୍ଷା ଓ ବିକାଶ ପ୍ରତି ବିପଜ୍ଜନକ ହେବ ।

ab) ଅନାବଶ୍ୟକ ପଦାର୍ଥ ଏଣେତେଣେ ପକାଇବା କହିଲେ ବୁଝାଯାଏ ଯେ ଏହି ବସ୍ତୁଗୁଡିକୁ ଏପରି ଅଂଚଳରେ ପକାଇବା, ଯାହା ଏଣେତେଣେ ଉଡେ, ଘୂରିବୁଲେ, ଜମାହୁଏ, ଧୋଇହୁଏ କିମ୍ବା ଏସବୁ ଘଟିବାର ଆଶଙ୍କା ଥାଏ କିମ୍ବା ବେଳେ ବେଳେ ସର୍ବସାଧାରଣ ସ୍ଥାନକୁ ଉଡିଯାଏ ଯାହାଦ୍ୱାରା ଏହି ଆବର୍ଜନା ସବୁଆଡେ ବିଛାଇ ହୋଇ ପଡେ ।

ac) ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁ ଭିତରେ ବ୍ୟବସାୟିକ ଏବଂ ବାସଗୃହ ବର୍ଜ୍ୟବସ୍ତୁ, ଗାଧୁଆ ବର୍ଜ୍ୟବସ୍ତୁ, ବ୍ୟବସାୟିକ ବର୍ଜ୍ୟବସ୍ତୁ, ଆନୁଷ୍ଠାନିକ ବର୍ଜ୍ୟବସ୍ତୁ, ବଜାର ଓ ଖାଦ୍ୟ ଏବଂ ଅନ୍ୟାନ୍ୟ ଅଣ ବାସସ୍ଥାନ ବର୍ଜ୍ୟବସ୍ତୁ, ରାସ୍ତା ସଫେଇ, ଡ୍ରେନରୁ ସଂଗୃହୀତ ପଟୁମାଟି, ଉଦ୍ୟାନକୃଷି ବର୍ଜ୍ୟବସ୍ତୁ, ବିପଜ୍ଜନକ ଶିଳ୍ପାନୁଷ୍ଠାନ ବର୍ଜ୍ୟବସ୍ତୁ ବ୍ୟତିରେକ ଜୈବ ଉପଚାର ଗତ ଜୈବ ମେଡିକାଲ ବର୍ଜ୍ୟବସ୍ତୁ, ସମେତ ମ୍ୟୁନିସ୍‌ପାଲ ଅଂଚଳରେ ଘର ତିଆରି କିମ୍ବା ଭଙ୍ଗାଜନିତ କଠିନ କିମ୍ବା ଅର୍ଦ୍ଧକଠିନ ବର୍ଜ୍ୟବସ୍ତୁ ଅନ୍ତର୍ଭୁକ୍ତ ।

ad) ଅଣ ଜୈବ ବର୍ଜ୍ୟବସ୍ତୁ (ଯାହା ମାଟିରେ ସହଜରେ ମିଳାଇ ନଥାଏ) କହିଲେ ଯେ କୌଣସି ବର୍ଜ୍ୟବସ୍ତୁ ଯାହା ଅଣୁଜୀବମାନଙ୍କ ଦ୍ୱାରା ସରଳସ୍ଥାୟୀ ଯୌଗିକକୁ ବିଘଟନ ହୋଇନଥାଏ ।

ae) ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟଭାର ନେଇଥିବା ଜଣେ ପରିଚାଳକ କହିଲେ, ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁର ସଂଗ୍ରହ, ପୃଥକୀକରଣ, ଗଚ୍ଛିତକରଣ, ପରିବହନ, ପରିଚାଳନା, ଓ ନଷ୍ଟୀକରଣ ପାଇଁ ସମ୍ବଳଥିବା ବା ସଂଚାଳନ କରୁଥିବେ, ଏବଂ ସଂପୃକ୍ତ ଅଂଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ବ୍ୟବହାର ପାଇଁ ମ୍ୟୁନିସ୍‌ପାଲନିଗମ ଦ୍ୱାରା ଅଧୀକୃତ ଯେକୌଣସି ସଂସ୍ଥା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ।

af) 'ପେଲେଟାଇଜେସନ୍' କହିଲେ ଏକ ପ୍ରକ୍ରିୟାକୁ ବୁଝାଏ, ଯାହାଦ୍ୱାରା କଠିନ ବର୍ଜ୍ୟବସ୍ତୁରୁ ଛୋଟ ଛୋଟ ଗୋଲାକୃତି ବା ପୋଲାନଳୀ ପ୍ରସ୍ତୁତ ହୁଏ, ଏଗୁଡିକ ବର୍ଜ୍ୟ ପ୍ରସ୍ତୁତ ଜାଳେଣି (ରିଫ୍ୟୁଜ୍ ଡିରାଇଭଡ୍ ଫୁଏଲ୍)ମଧ୍ୟ କୁହାଯାଇଥାଏ ।

ag) ପ୍ରାଥମିକ ସଂଗ୍ରହ କହିଲେ ବାସଗୃହ, ଦୋକାନ, କାର୍ଯ୍ୟାଳୟ ଏବଂ ଅନ୍ୟ ଯେକୌଣସି ବସତି ପରିସର କିମ୍ବା ବର୍ଜ୍ୟ ସଂଗ୍ରହ ସ୍ଥାନ କିମ୍ବା ମ୍ୟୁନିସ୍‌ପାଲଟି କର୍ପୋରେସନ ଦ୍ୱାରା ସ୍ଥିରୀକୃତ ଯେକୌଣସି ସ୍ଥାନରୁ ସଂଗୃହୀତ କଠିନ ବର୍ଜ୍ୟବସ୍ତୁଉତ୍ସରୁ ପୃଥକୀକୃତ କଠିନ ଆବର୍ଜନାର ସଂଗ୍ରହ, ଉଠାଣ ଏବଂ ସ୍ଥାନାନ୍ତରଣକୁ ବୁଝାଏ ।

ah) ପ୍ରକିୟାକରଣ କହିଲେ ଯେଉଁ ପ୍ରକିୟା ମାଧ୍ୟମରେ ବର୍ଜ୍ୟବସ୍ତୁ ଗୁଡିକ ନୂତନ କିମ୍ବା ପୁନଃଚକ୍ରଣ ବସ୍ତୁରେ ରୂପାନ୍ତରିତ ହେବାକୁ ବୁଝାଏ ।

ai) ପୁନଃପ୍ରବର୍ତନ କହିଲେ ସେହି ପ୍ରକିୟାକରଣକୁ ବୁଝାଏ ଯାହା ପୃଥକୀକୃତ କଠିନ ବର୍ଜ୍ୟବସ୍ତୁକୁ ମୂଳକଂଚା ବର୍ଜ୍ୟବସ୍ତୁ ରୁପେ ରୂପାନ୍ତରିତ କରି ନୂତନବସ୍ତୁ ତିଆରି କରିବା ଯୋଗ୍ୟ କରେ ।ପୂର୍ବବସ୍ତୁ ସହିତ ନୂତନ ପ୍ରସ୍ତୁତ ବସ୍ତୁରସାମଞ୍ଜସ୍ୟ ରହିପାରେ ବା ନ ରହିପାରେ ।

aj) 'ପୁନଃ ବିକାଶ' କହିଲେ ପୁରୁଣାଗୃହ ଏବଂ ଭିତି ସଂରଚନା ଭଗ୍ନପ୍ରାୟ ହେବା ହେତୁ ସେହି ସ୍ଥାନରେ ବାସଗୃହ ଓ ବଜାର ଗୃହର ପୁନଃନିର୍ମାଣକୁ ବୁଝାଏ ।

ak) ଅଦରକାରୀ ବର୍ଜ୍ୟ ପ୍ରସ୍ତୁତ ଜାଳେଣି କହିଲେ କ୍ଲୋରିନ୍‌ଯୁକ୍ତ ବସ୍ତୁ ବ୍ୟତୀତ ପ୍ଲାଷ୍ଟିକ, କାଠ, ବା କାଗଜମଣ୍ଡ, କିମ୍ବା ଜୈବିକ ବର୍ଜ୍ୟବସ୍ତୁ ଭଳି କଠିନ ବର୍ଜ୍ୟବସ୍ତୁର ଦହନଯୋଗ୍ୟ ବର୍ଜ୍ୟବସ୍ତୁରୁ ନିର୍ଗତ ଜାଳେଣିକୁ ବୁଝାଏ । ଏହା କଠିନ ବର୍ଜ୍ୟବସ୍ତୁର ଆଦ୍ରତାନିଷ୍କାସନ, ଜମାଟିକରଣ, ଜଳନିଷ୍କାସନ ଇତ୍ୟାଦି ପ୍ରକିୟାରେ ପ୍ରସ୍ତୁତ ଗୋଲା ବା ଅନ୍ୟ ନିସୃତ ପଦାର୍ଥ ରୂପରେ ମଧ୍ୟ ମିଳିପାରେ ।

al) ପୁନଃଚକ୍ରଣ କିମ୍ବା ପୁନଶ୍ଚ ପ୍ରକିୟାକରଣ ପାଇଁ ଅନୁପଯୁକ୍ତ କଠିନ ବର୍ଜ୍ୟବସ୍ତୁର ଚରମ ଅବଶିଷ୍ଟାଂଶକୁ ରେସିଡୁଆଲ୍ ୱେଷ୍ଟ୍ କୁହାଯାଏ ।

am) ପରିବେଶ ଜନିତ ସ୍ୱାସ୍ଥ୍ୟଗତ କୁପ୍ରଭାବ ଏବଂ ରୋଗକୁ ପ୍ରତିରୋଧ ଏବଂ ସ୍ୱାସ୍ଥ୍ୟରକ୍ଷାକୁ ଉତ୍ସାହିତ କରୁଥିବା ବାତାବରଣ ଓ କାର୍ଯ୍ୟକୁ ସୁସ୍ଥ ପରିମଳ ବ୍ୟବସ୍ଥା କୁହାଯିବ।

an) ପରିମଳଗତ ବର୍ଜ୍ୟବସ୍ତୁ କହିଲେ –ବ୍ୟବହୃତ ଡାଇପର, ସାନିଟାରୀ ଟାୱେଲ କିମ୍ବା ନ୍ୟାପକିନ, କଣ୍ଡୋମ, ମନ୍ଦଝାଡା, ପରିଶ୍ରାଭିଜା କପଡା ଏବଂ ଏହି ପ୍ରକାରର ଅନ୍ୟାନ୍ୟ ବସ୍ତୁକୁ ବୁଝାଏ।

ao) ଅନୁସୂଚୀ କହିଲେ ଏହି ଉପଧାରା ସହିତ ସଂଯୁକ୍ତ ଅନୁସୂଚୀକୁ ବୁଝାଏ।

ap) ପରବର୍ତୀ ସଂଗ୍ରହ କହିଲେ ପରବର୍ତୀ ବର୍ଜ୍ୟ ସଂରକ୍ଷଣ ସ୍ଥାନ (କୁଣ୍ଡ)ବା ବିନ୍ ରେ ପ୍ରକିୟାକରଣ ବା ନଷ୍ଟୀକରଣ ସୁବିଧା ପାଇଁ ପଠାଯିବାକୁଥିବା ସଂଗୃହୀତ କଠିନ ବର୍ଜ୍ୟବସ୍ତୁର ସଂଗ୍ରହକୁ ବୁଝାଏ।

aq) ପରବର୍ତୀ ମହଜୁଦ ଓ ସଂରକ୍ଷଣ କହିଲେ କୌଣସି ଏକ ସର୍ବସାଧାରଣ ଅସ୍ଥାୟୀ ଭାବେ ରଖାଯାଇଥିବା କଠିନ ବର୍ଜ୍ୟବସ୍ତୁ ପାଇଁ ଆବୃତ ଟାଙ୍କି ଯାହା ଆବର୍ଜନାର ଏଣେତେଣେ ପକାଇବା, ବୁଲା ପଶୁ ଓ ଗନ୍ଧରୁ ନିବୃତ କରିଥାଏ; ତାକୁ ହିଁ ବୁଝାଏ।

ar) ପୃଥକୀକରଣ କହିଲେ, କଠିନ ବର୍ଜ୍ୟବସ୍ତୁର ବିଭିନ୍ନ ଉପାଦାନର ଅଲଗା ଅଲଗା ସଜାଡିବା ଓ ସଂରକ୍ଷଣ କରିବାକୁ ବୁଝାଏ । ସେ ଗୁଡିକ ହେଲା ଜୈବିକ ବିଘଟନଯୋଗ୍ୟ ବର୍ଜ୍ୟବସ୍ତୁ କିମ୍ବା ଆର୍ଦ୍ର ବର୍ଜ୍ୟବସ୍ତୁ, ଜୈବ ବିଘଟନ ଅଯୋଗ୍ୟ ବର୍ଜ୍ୟବସ୍ତୁ ବା ଶୁଷ୍କ ବର୍ଜ୍ୟବସ୍ତୁ, ପୁନଃପ୍ରବର୍ତନକ୍ଷମ ବର୍ଜ୍ୟବସ୍ତୁ, ଦାହ୍ୟ ବର୍ଜ୍ୟବସ୍ତୁ,ପରିମଳ ବର୍ଜ୍ୟବସ୍ତୁ, ପୁନଃପ୍ରବର୍ତନକ୍ଷମ କଠିନ ବର୍ଜ୍ୟବସ୍ତୁ, ବାସଗୃହରୁ ବାହାରିଥିବା ବିପଜ୍ଜନକ ବର୍ଜ୍ୟବସ୍ତୁ, ଇ-ବର୍ଜ୍ୟବସ୍ତୁ ଏବଂ ଗୃହ ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟବସ୍ତୁ।

as) ଉତ୍ସ ବା ଉତ୍ପାଦକସ୍ଥାନ କହିଲେ ଯେଉଁ ପରିସରରୁ ବର୍ଜ୍ୟବସ୍ତୁ ସୃଷ୍ଟି ହୋଇଥାଏ ତାକୁ ବୁଝାଏ।

at) ସଂରକ୍ଷଣ କହିଲେ ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁର ଏପରି ଅସ୍ଥାୟୀ ଜମାଟବ୍ୟବସ୍ଥାକୁ ବୁଝାଏ ଯାହା ଏଣେତେଣେ ଆବର୍ଜନା ପଡିବା, ରୋଗବାହକ କିମ୍ବା ବୁଲାପ୍ରାଣୀ ଆକର୍ଷଣ ଏବଂ ଅତ୍ୟଧିକ ଦୁର୍ଗନ୍ଧରୁ ରକ୍ଷା କରିଥାଏ ।

au) ଯେ କୌଣସି ବାଟ, ରାସ୍ତା, ଗଳି, ନାଳୀ,ଛକ, ଖୋଲାଜାଗା,ଯିବାଆସିବା ସ୍ଥାନ ଇତ୍ୟାଦି ଉପରେ ଯାତାୟତର ସୁବିଧା ଗଢା ହୋଇଥାଉ ବା ନ ଥାଉ, ମାତ୍ର ଯାହା ଉପରେ ସର୍ବସାଧାରଣଙ୍କ ଗମନାଗମନର ଅଧିକାର ଥାଏ ଏବଂ ଯେ କୌଣସି ପୋଲ ଉପରେ ନିର୍ମିତ ପାଦଚଲା ରାସ୍ତା ବା ରାସ୍ତା ଗୁଡିକ 'ରାସ୍ତା' ଭିତରେ ଅନ୍ତର୍ଭୁକ୍ତ ।

av) ବର୍ଜ୍ୟବସ୍ତୁର ସ୍ଥିରାବସ୍ଥା କହିଲେ ଜୈବ ବିଘଟନକ୍ଷମ ବର୍ଜ୍ୟବସ୍ତୁର ଜୈବିକ ବିଘଟନଜନିତ ଏପରି ସ୍ଥିରାବସ୍ଥାକୁ ବୁଝାଏ ଯେଉଁଠି କୌଣସି ଦୁର୍ଗନ୍ଧ ବା କଠିନସ୍ତର ଭେଦ କରି ଯାଇପାରେ ନାହିଁ ଏବଂ କୃଷିଜମି, ମୃର୍ତିକାକ୍ଷୟ ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ବ୍ୟବହୃତ ହୋଇପାରେ ।

aw) ପରିବହନ କହିଲେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଏକ ପରିବହନ ଧାରାକୁ ବୁଝାଏ । ଯାହାଦ୍ୱାରା ମ୍ୟୁନିସ୍‌ପାଲ ବର୍ଜ୍ୟବସ୍ତୁର ଦୁର୍ଗନ୍ଧ, ବିକ୍ଷିପ୍ତିକରଣ, ଦେଖାନ ଯିବା ଅବସ୍ଥା, ରୋଗବାହକ ମାନଙ୍କ ପ୍ରବେଶ ଅଧିକାରରୁ ମୁକ୍ତ ରଖି ସୁସ୍ଥତା ସହିତ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବାହିତ ହୋଇଥାଏ ।

ax) ଉପଚାର କହିଲେ ଯେ କୌଣସି ବର୍ଜ୍ୟବସ୍ତୁର ଭୌତିକ, ରାସାୟନିକ କିମ୍ବା ଜୈବିକ ଅବସ୍ଥା ବା ଗୁଣ ବା ଗଠନକୁ ସଂଶୋଧନ କରିବାର ଉପାୟ, ପ୍ରକ୍ରିୟା ଏବଂ କୌଶଳକୁ ବୁଝାଏ ଯାହାଦ୍ୱାରା ଏହାର ଆକାର ଏବଂ କ୍ଷତିସାଧନର ଦକ୍ଷତା କମ୍ ହୋଇଥାଏ ।

ay) ଉପଚାରିତ ଜୈବଭେଷଜ ବର୍ଜ୍ୟବସ୍ତୁ କହିଲେ- ଜୈବଭେଷଜ ବର୍ଜ୍ୟବସ୍ତୁ ପରିଚାଳନା ୨୦୧୬ ନିୟମ ନିର୍ଦ୍ଧାରିତ ବର୍ଜ୍ୟବସ୍ତୁ ଯାହା ଡାକ୍ତରଖାନା ଓ ସ୍ୱାସ୍ଥ୍ୟରକ୍ଷା ଅନୁଷ୍ଠାନମାନଙ୍କରେ ଉତ୍ପାଦିତ ହୋଇଥାଏ,ତାହାକୁ ବୁଝାଏ ।

az) ବ୍ୟବହାର ଦେୟ କହିଲେ ସଂପୃକ୍ତ ମ୍ୟୁନିସ୍‌ପାଲିଟିନିଗମ ଦ୍ୱାରା ବର୍ଜ୍ୟବସ୍ତୁ ଉତ୍ପାଦକମାନଙ୍କ ଉପେର ଏହି ଉପବିଧି ଆଧାରରେ ଘୋଷିତ ଦେୟକୁ ବୁଝାଏ ।

ba) ମୃତିକା ବା ଜିଆଖତ ବା ଭର୍ମି (vermi) କମ୍ପୋଷ୍ଟିଂ ହେଉଛି ଏକ ପ୍ରକିୟାଯେଉଁଥିରେ ମୃର୍ତିକା ଜିଆ ବ୍ୟବହାର କରି ଜୈବ ବିଘଟଣକ୍ଷମ ବର୍ଜ୍ୟବସ୍ତୁକୁ କମ୍ପୋଷ୍ଟରେ ରପାନ୍ତରିତ କରାଯାଏ ବା ହୋଇଥାଏ ।

bb) ବର୍ଜ୍ୟବସ୍ତୁ ଉତ୍ପାଦକ କହିଲେ ଭାରତୀୟ ରେଳବାଇ,ରକ୍ଷା କ୍ୟାଣ୍ଟନ୍‌ମେଣ୍ଟ, ଶିଳ୍ପସଂସ୍ଥା, ଡାକ୍ତରଖାନା, ହୋଟଲ ଇତ୍ୟାଦିରକର୍ତ୍ତୃପକ୍ଷ ଏବଂ ଉର୍ଦ୍ଧିଷ୍ଟ ବ୍ୟକ୍ତି. କିମ୍ବା ଗୋଷ୍ଠୀ କିମ୍ବା ବାସଯୋଗ୍ୟ ବା ବାଣିଜ୍ୟକ ପ୍ରତିଷ୍ଠାନ ଯେଉଁମାନେ କଠିନ ବର୍ଜ୍ୟବସ୍ତୁ ଉତ୍ପାଦନ କରନ୍ତି ସେମାନଙ୍କୁ ବୁଝାଏ ।

bc) ବର୍ଜ୍ୟବସ୍ତୁ ସଂଗ୍ରହକାରୀ କହିଲେ ସେମାନଙ୍କୁ ବୁଝାଏ, ଯେଉଁ ବ୍ୟକ୍ତି ବା ଦଳ ବର୍ଜ୍ୟବସ୍ତୁ ଉତ୍ପାଦନ ସ୍ଥାନରୁ ପୁନଃଚକ୍ରଣ ଓ ବ୍ୟବହାରକ୍ଷମ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ସଙ୍ଗେସଙ୍ଗେ ରାସ୍ତା, ଟାଙ୍କି ଇତ୍ୟାଦିରୁ ଆବର୍ଜ୍ଜନା ସଂଗ୍ରହ କରିଥାନ୍ତି । ଏମାନେ ପୁନଃଚକ୍ରଣ ସୁବିଧା ଥିବା ବ୍ୟକ୍ତି ବିଶେଷଙ୍କୁ ସିଧାସଳଖ ଭାବରେ କିମ୍ବା ମଧ୍ୟସ୍ଥ ମାଧ୍ୟମରେ ଏହା ବିକ୍ରୀ କରି ନିଜର ଜୀବିକା ନିର୍ବାହ କରିଥାନ୍ତି ।

(୨)ବ୍ୟବହୃତ ହୋଇଥିବା ଶବ୍ଦ ବା ଭାବଯେଉଁ ସଂଜ୍ଞା ଏଠାରେ ଏଥିରେ ପରିପ୍ରକାଶ ହେବନାହିଁ, ସେଗୁଡିକ ଓଡିଶା ମ୍ୟୁନିସ୍‌ପାଲ କର୍ପୋରେସନ ନିୟମ ୨୦୦୩(ଓଡିଶା ନିୟମ ୧୧,୨୦୦୩) କିମ୍ବା ଓଡିଶା ମ୍ୟୁନିସ୍‌ପାଲ କର୍ପୋରେସନରୁଲସ୍ ୨୦୦୪ କିମ୍ବା ଭାରତ ସରକାରଙ୍କ ଗେଜେଟ୍ ଭାଗ (II) ଉପବିଭାଗ ୩ (ii) ର GSR ନଂ ୧୩୫୭/E ୮, ଏପ୍ରିଲ୍ ୨୦୧୬ ଏବଂ ଭାଗ (II) ଏବଂ ଉପବିଭାଗ ୩(ii) GSR ନଂ ୩୧୭/E ୨୯, ମାର୍ଚ୍ଚ ୨୦୧୬ରେ ପ୍ରକାଶିତ ଭାରତ ସରକାରଙ୍କ

ଅଧୀନସ୍ଥ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟର ପରିବେଶ (ସୁରକ୍ଷା) ଆଇନ୍ ୧୯୮୬(୧୯୮୬ ର ୨୯) ଆଧାରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ କିମ୍ବା ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ରେ ଉଲ୍ଲିଖିତ ଅର୍ଥ ହିଁ ବହନ କରିବେ ।

## ଅନୁଛେଦ -୨

## ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁ ପରିଚାଳନା

୪. **ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁ ପରିଚାଳନା:-** ବର୍ଜ୍ୟବସ୍ତୁର ପରିମାଣ ହ୍ରାସ କରି ଦକ୍ଷତାବୃଦ୍ଧି ମାଧ୍ୟମରେ ସମ୍ବଳ ଗୁଡିକରେ ସୁବିନିଯୋଗ କରିବାର ଲକ୍ଷ୍ୟ ରଖି ସଂପୃକ୍ତ ମ୍ୟୁନିସ୍‌ପାଲ କର୍ପୋରେସନ ଏକ ସମନ୍ୱିତ ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତି ପ୍ରସ୍ତୁତ କରିବେ । ଏହି ପ୍ରସ୍ତୁତ ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତି ନିମ୍ନକାର୍ଯ୍ୟ ପ୍ରତି ଦୃଷ୍ଟି ଦେବେ ଯେପରି :

i) ଉତ୍ସରେ ପରିମାଣ ହ୍ରାସ ଏବଂ ପୁନଃବ୍ୟବହାର ବର୍ଜ୍ୟବସ୍ତୁ ସୃଷ୍ଟି ପ୍ରତିରୋଧ ହିଁ କଠିନ ବର୍ଜ୍ୟବସ୍ତୁ ପରିଚାଳନାର ସବୁଠୁ ବେଶୀ ପସନ୍ଦଯୋଗ୍ୟ ପଦକ୍ଷେପ । ଏହାର କାର୍ଯ୍ୟକାରୀତା, ଉପଚାର ଏବଂ ନଷ୍ଟୀକରଣ ଖର୍ଚ୍ଚ ହ୍ରାସ କରିବାରେ ସହାୟତା କରିବା ଏବଂ ବିଶେଷ କରି କଠିନସ୍ତର ଭେଦକରିବା, ବାୟୁ ପ୍ରଦୂଷଣ ଏବଂ ଗ୍ରୀନ୍‌ହାଉସ ନିର୍ଗତ ବାଷ୍ପ ଭଳି ପରିବେଶ ଗତ ପ୍ରଭାବ ହ୍ରାସ କରିବ ।

ii) ବର୍ଜ୍ୟବସ୍ତୁ ପୁନଃଚକ୍ରଣ:-ଏହାର ପରବର୍ତ୍ତୀ ବିକଳ୍ପ ହେବ ନୂତନ ବସ୍ତୁ ସୃଷ୍ଟି ପାଇଁ ପୃଥକୀକରଣ, ସଂଗ୍ରହ ପୁନଃପ୍ରକିୟାକରଣ ମାଧ୍ୟମରେ ପୁନଃଚକ୍ରଣକ୍ଷମ ଉତ୍ସ ବସ୍ତୁର ପୁନଃପ୍ରାପ୍ତି ।

iii) କମ୍ପୋଷ୍ଟ ପାଇଁ ବର୍ଜ୍ୟବସ୍ତୁ: ନିୟମ ଅନୁସାରେ ବର୍ଜ୍ୟବସ୍ତୁର ଜୈବିକ ଅଂଶକୁ ଯତ୍‌ପରୋନାସ୍ତି କମ୍ପୋଷ୍ଟ କରାଯିବ ଏବଂ ଜମିର ମାନବୃଦ୍ଧି ଏବଂ କୃଷିଜାତ ଉତ୍ପାଦନ ବୃଦ୍ଧିରେ ଏହା ବ୍ୟବହୃତ ହେବ।

iv) ଶକ୍ତି ନିମିତ ବର୍ଜ୍ୟବସ୍ତୁ – ଯେଉଁଠାରେ ବର୍ଜ୍ୟବସ୍ତୁରୁ ବସ୍ତୁ ପୁନଃପ୍ରାପ୍ତି ସମ୍ଭବ ହେବ ନାହିଁ, ସେଠାରେ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ ଯଥା ଉତ୍ତାପ, ବିଦ୍ୟୁତ୍‌ଶକ୍ତି ବା

ଜାଳେଣି ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇପାରେ । ମ୍ୟୁନିସ୍‌ପାଲ କଠିନବର୍ଜ୍ୟବସ୍ତୁରୁ ନିର୍ଦ୍ଧିଷ୍ଟ ଶୁଷ୍କ ନିଃଶେଷ, ଜୈବିକ ଦାହ୍ୟୀକରଣ, ବର୍ଜ୍ୟଭସ୍ମୀକରଣ, ବର୍ଜ୍ୟ ଉଦ୍‌ବୃତ ଜାଳେଣି ଏବଂ ସହପ୍ରକିୟାକରଣ ଇତ୍ୟାଦି ସାଧାରଣତଃ ଶକ୍ତି ନିମିତ ବର୍ଜ୍ୟବସ୍ତୁ ପ୍ରଣାଳୀ ଅନ୍ତର୍ଭୁକ୍ତ ହେବା ଉଚିତ ।

v) ବର୍ଜ୍ୟ ନିଷ୍କାସନ:ବଳକା ଅବଶିଷ୍ଟାଂଶ ବର୍ଜ୍ୟବସ୍ତୁ, ଯାହା ସାଧାରଣତଃ କର୍ମକ୍ଷମ ନୁହନ୍ତି ବା ନିଷ୍କ୍ରିୟ ସେଗୁଡିକ କଠିନ ବର୍ଜ୍ୟବସ୍ତୁ ପରିଚାଳନା ୨୦୧୬, ନିୟମ ଅନୁସାରେ ନିର୍ମିତ ପରିମଳ ଜମିକୁପୋତିବା ପାଇଁ ବ୍ୟବହାର ହେବ ।

vi) ସମନ୍ୱିତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତି ପରିବେଶ ସଂବେଦୀ ହେବା ଆବଶ୍ୟକ । ବର୍ଜ୍ୟବସ୍ତୁ ସଂକୋଚନ, ବର୍ଜ୍ୟବସ୍ତୁ ପୁନଃଚକ୍ରଣ, ବର୍ଜ୍ୟବସ୍ତୁରୁ-ଶକ୍ତି କାର୍ଯ୍ୟପନ୍ଥା ଖାଲି ସ୍ଥାନ ପୂରଣ ପାଇଁ ବ୍ୟବହୃତ ବର୍ଜ୍ୟରୁ ନିସୃତ ଗ୍ୟାସ୍ କୁ ସଂଗ୍ରହକରି ଉପଯୋଗକରିବା ଇତ୍ୟାଦି କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ରେ କୁହାଯାଇଛି ଯାହା ଗ୍ରୀନ୍ ହାଉସ୍ ଗ୍ୟାସ୍ କମାଇବା ପାଇଁ ସହାୟକ ହେବ ।

## <u>ଅନୁଚ୍ଛେଦ -୩</u>

## <u>ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁର ପୃଥକୀକରଣ ଏବଂ ପ୍ରାଥମିକ ସଂରକ୍ଷଣ</u>

**୫. ଉତ୍ସକ୍ଷେତ୍ରରେ ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁର ପୃଥକୀକରଣ ଏବଂ ସଂରକ୍ଷଣ-**

୧) ଏହା ବର୍ଜ୍ୟବସ୍ତୁ ଉତ୍ପାଦନକାରୀ ମାନଙ୍କ ପକ୍ଷରେ ଆବଶ୍ୟକ ହେବ ଯେ, ସେମାନେ ସେମାନଙ୍କର ନିଜ କ୍ଷେତ୍ରରୁସୃଷ୍ଟି ହେଉଥିବା ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁକୁ ନିୟମିତ ଭାବରେ ତିନି ବିଭାଗରେ ଅଲଗା କରିବେ ଏବଂ ସଂରକ୍ଷିତ କରିବେ,ଯେପରି

a) ଅଣ ଜୈବବିଘଟନକ୍ଷମ କିମ୍ବା ଶୁଷ୍କ ବର୍ଜ୍ୟବସ୍ତୁ

b) ଜୈବ ବିଘଟନକ୍ଷମ କିମ୍ବା ଆର୍ଦ୍ର ବର୍ଜ୍ୟବସ୍ତୁ

c) ଗୃହନିସୃତ ବିପଦଜନକବର୍ଜ୍ୟବସ୍ତୁ

ଏବଂ ଢାଙ୍କୁଣିଥିବା ଅଳିଆ କୁଣ୍ଡରେ ରଖି ପୌରନିଗମର ସମୟାନୁକ୍ରମିକ ନିର୍ଦ୍ଦେଶ ଅନୁସାରେ ଏହି ପୃଥକୀକୃତ ବର୍ଜ୍ୟବସ୍ତୁକୁ ଅଧୀକୃତ ସଂଗ୍ରହକାରୀଙ୍କୁ ହସ୍ତାନ୍ତର କରିବେ ।

୨) ସେହିପରି ପ୍ରତ୍ୟେକ ଆନୁଷ୍ଠାନିକ ବର୍ଜ୍ୟ ଉତ୍ପାଦକ ସେମାନଙ୍କ ନିଜ ସ୍ଥାନରୁ ଲବ୍ଧ ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁକୁ ତିନୋଟି ଭାଗରେ ପୃଥକ କରି ଉପଯୁକ୍ତ ଟାଙ୍କିରେ ସଂରକ୍ଷିତ କରି ରଖିବେ, ଯେପରି

a) ଅଣ ଜୈବବିଘଟନକ୍ଷମ ବା ଶୁଷ୍କ ବର୍ଜ୍ୟବସ୍ତୁ

b) ଜୈବ ବିଘଟନକ୍ଷମ ବା ଆର୍ଦ୍ର ବର୍ଜ୍ୟବସ୍ତୁ

c) ବିପଜ୍ଜନକ ବର୍ଜ୍ୟବସ୍ତୁ

ଏବଂ ପୌରନିଗମ ଦ୍ୱାରା ନିର୍ଦ୍ଧାରିତ ଦେୟ ପ୍ରଦାନ କରି ଅଧୀକୃତ ବର୍ଜ୍ୟ ସଂଗ୍ରହକାରୀ ମାଧ୍ୟମରେ ଅଧୀକୃତ ବର୍ଜ୍ୟ ପ୍ରକିୟାକରଣ ବା ନିଃଶେଷୀକରଣ ବା ସଂରକ୍ଷଣ କେନ୍ଦ୍ରରେ ହସ୍ତାନ୍ତର କରିବେ ।

୩) ବର୍ଜ୍ୟବସ୍ତୁ ଉତ୍ପାଦକ ମାନେ ବର୍ଜ୍ୟବସ୍ତୁକୁ ତିନିଭାଗରେ ବିଭକ୍ତ କରି ତିନୋଟି ଟାଙ୍କିରେ ସଂରକ୍ଷଣ କରିବାକୁ ପ୍ରୋତ୍ସାହିତ ହେବେ । ଯେପରି ସବୁଜକୁଣ୍ଡ(ପାତ୍ରରେ)-ଜୈବ ବିଘଟନକ୍ଷମ ବର୍ଜ୍ୟବସ୍ତୁ ଏବଂ ନୀଳକୁଣ୍ଡଅଣଜୈବ ବିଘଟନକ୍ଷମ ବର୍ଜ୍ୟବସ୍ତୁ , ଏବଂ ଲାଲ କୁଣ୍ଡରେ ଗୃହ ନିସୃତ ବିପଦଜନକବର୍ଜ୍ୟବସ୍ତୁ ରଖିବେ ।

୪) ଏହି ଉପବିଧିର ବିଜ୍ଞପ୍ତି ପ୍ରକାଶିତ ହେବାର ଏକବର୍ଷ ମଧ୍ୟରେ ଏବଂ ପୌରନିଗମ ସହଭାଗିତାରେ ୫୦୦୦ବର୍ଗମିଟରରୁ ଉର୍ଦ୍ଧ୍ୱ ଅଂଚଳ ଥିବା ଅନୁଷ୍ଠାନ, ଉତ୍ପାଦକ ମାନଙ୍କ ଦ୍ୱାରା ବର୍ଜ୍ୟବସ୍ତୁର ବିଭାଗୀକରଣ ନିର୍ଦ୍ଧାରିତ କରିବେ, ସ୍ୱତନ୍ତ୍ର ବିଭାଗର ବର୍ଜ୍ୟବସ୍ତୁ ସଂଗ୍ରହକୁ ପ୍ରୋତ୍ସାହିତ କରିବେ ଏବଂ ପୁନଃଚକ୍ରଣକ୍ଷମ ବସ୍ତୁକୁ ଅଧୀକୃତ ବର୍ଜ୍ୟବସ୍ତୁ ସଂଗ୍ରହକାରୀ କିମ୍ବା ପୁନଃପ୍ରବର୍ତନକାରୀଙ୍କୁ ହସ୍ତାନ୍ତର କରିବେ। ଜୈବ ବିଘଟନକ୍ଷମ ବର୍ଜ୍ୟବସ୍ତୁ ପ୍ରକିୟାକୃତ, ଉପଚାରିତ, ବା କମ୍ପୋଷ୍ଟ ବା ଜୈବ ଦାହ୍ୟ ମାଧ୍ୟମରେ ନିର୍ଦ୍ଦିଷ୍ଟ ପରିସରରେ ବ୍ୟାବହୃତ ହେବ । ବର୍ଜ୍ୟବସ୍ତୁର ଅବଶିଷ୍ଟାଂଶ ବର୍ଜ୍ୟବସ୍ତୁ ସଂଗ୍ରାହକ ବା ପ୍ରତିନିଧିମାନଙ୍କୁ ହସ୍ତାନ୍ତରିତ ହେବ ।

୫) ପୌରନିଗମକୁ ତିନିଦିନ ଆଗରୁ ନ ଜଣାଇ କୌଣସି ବ୍ୟକ୍ତି କୌଣସି ଅନଧୀକୃତ ସ୍ଥାନରେ ୧୦୦ଜଣରୁ ଅଧିକ ବ୍ୟକ୍ତିଙ୍କର ଏକତ୍ରୀକରଣର ଆୟୋଜନ କରିପାରିବେ ନାହିଁ । ଏବଂ ସେଭଳି ବ୍ୟକ୍ତି ବା ଘଟଣାର ଆୟୋଜକ ମୂଳସ୍ଥାନରେ ବର୍ଜ୍ୟବସ୍ତୁର ପୃଥକୀକରଣ ସଂପର୍କରେ ନିଶ୍ଚିତ କରାଇବେ ଏବଂ ପୌରନିଗମ ନିର୍ଦ୍ଧିଷ୍ଟ ବର୍ଜ୍ୟବସ୍ତୁ ସଂଗ୍ରହକାରୀ ବା ପ୍ରତିନିଧିଙ୍କୁ ପୃଥକୀକୃତ ବର୍ଜ୍ୟବସ୍ତୁ ହସ୍ତାନ୍ତରିତ କରାଇବେ ।

୬) ବ୍ୟବହୃତ ପରିମଳ(sanitary)ବର୍ଜ୍ୟବସ୍ତୁ ସେହି ବସ୍ତୁର ବିକ୍ରେତା ବା ଉତ୍ପାଦନକାରୀଙ୍କ ପ୍ୟାକ୍ ବା ଖବରକାଗଜ ବା ଉପଯୁକ୍ତ ଜୈବ ବିଘଟନକ୍ଷମ ବସ୍ତୁ ଦ୍ୱାରା ସୁରକ୍ଷିତ ଭାବରେ ବନ୍ଧା ହୋଇ ଅଣଜୈବ ବିଘଟନକ୍ଷମ ବା ଶୁଷ୍କ ବର୍ଜ୍ୟବସ୍ତୁ ପାଇଁ ଉର୍ଦ୍ଦିଷ୍ଟ ଟାଙ୍କି ବା ପାତ୍ରରେ ପକାଯିବ ।

୭) ପ୍ରତ୍ୟେକ ରାସ୍ତାକଡର ଦୋକାନୀ ସେମାନଙ୍କର କାର୍ଯ୍ୟ ଅବଧି ମଧ୍ୟରେ ଲବ୍ଧ ବର୍ଜ୍ୟବସ୍ତୁ ଯେପରି – ଖାଦ୍ୟ ବର୍ଜ୍ୟବସ୍ତୁ, ପରିତ୍ୟକ୍ତପାତ୍ର, କପ୍, ଥାଳ୍, ଗୁଡାହେବା କାଗଜ, ନଡିଆ ଷଢେଇ, ବଳକାଖାଦ୍ୟ, ପନିପରିବା, ଫଳ ଇତ୍ୟାଦି ଗୁଡିକୁ ଉପଯୁକ୍ତ ପାତ୍ରରେ ସଂରକ୍ଷଣ ପାଇଁ ରଖିବେ ଏବଂ ପୌରନିଗମ ଦ୍ୱାରା ନିର୍ଦ୍ଦେଶିତ ବର୍ଜ୍ୟବସ୍ତୁ ସଂରକ୍ଷଣ ସ୍ଥାନ ବା ପାତ୍ର ବା ଗାଡି ନିକଟରେ ହସ୍ତାନ୍ତର କରିବେ ।

୮) ନିର୍ମାଣ ଏବଂ ଉଚ୍ଛେଦ ବର୍ଜ୍ୟବସ୍ତୁକୁ ସୃଷ୍ଟିହେଲାବେଳେ ନିଜ ପରିସରରେ ଅଲଗା ସଂରକ୍ଷିତ କରନ୍ତୁ ଏବଂ ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା ଆଇନ୍ ୨୦୧୬ ଅନୁସାରେ ଏହାକୁ ନିକାଶ କରନ୍ତୁ ।

୯) ପାର୍କ, ଷ୍ଟାଡିୟମ ଇତ୍ୟାଦି ଭଳି ବଗିଚା ଏବଂ ଉଦ୍ୟାନ କୃଷିର ବହୁଳ ବର୍ଜ୍ୟବସ୍ତୁ ଉତ୍ପାଦକମାନେ ସେମାନଙ୍କ ପରିସରରେ ବର୍ଜ୍ୟବସ୍ତୁକୁ ସଂରକ୍ଷିତ କରିବେ ଏବଂ ପୌରନିଗମ ନିର୍ଦ୍ଦେଶ ଅନୁସାରେ ତାହାକୁ ନଷ୍ଟ କରିବେ ।

୧୦)କୌଣସି ଉପଚାର ବିହୀନ ଜୈବମେଡିକାଲ ବର୍ଜ୍ୟବସ୍ତୁ, ଇ-ବର୍ଜ୍ୟବସ୍ତୁ ବିପଜ୍ଜନକ ରାସାୟନିକ ପଦାର୍ଥ ଏବଂ ଶିଳ୍ପଜାତ ବର୍ଜ୍ୟବସ୍ତୁ, ମ୍ୟୁନିସ୍ପାଲ କଠିନ ବର୍ଜ୍ୟବସ୍ତୁ ସହିତ

ମିଶିବ ନାହିଁ । ଏବଂ ସ୍ଵତନ୍ତ୍ର ଭାବରେ ଏହି ଉଦ୍ଦେଶ୍ୟରେ ଗଠିତ ନିୟମାବଳୀ ଗୁଡ଼ିକ ଅନୁସରଣ କରିବେ ।

## ଅନୁଚ୍ଛେଦ -୪

## ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ

**ମ୍ୟୁନିସ୍‌ପାଲ କଠିନ ବର୍ଜବସ୍ତୁ ସଂଗ୍ରହ:** ୧) କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ୨୦୧୬ ଅନୁସାରେ ପୌରନିଗମଅନ୍ତର୍ଗତ ପ୍ରତ୍ୟେକ ୱାର୍ଡ ଓ ଅଂଚଳରେ ପୃଥକୀକୃତ କଠିନ ବର୍ଜ୍ୟବସ୍ତୁର ଦ୍ଵାର କୁ ଦ୍ଵାର ସଂଗ୍ରହ, ବସ୍ତି ଏବଂ ଅଣସଂଗଠିତ ଜନବସତି ସମେତ ପ୍ରତ୍ୟେକ ବାସଗୃହରୁ ଆବର୍ଜନା ଦୈନିକ ସଂଗ୍ରହ ପ୍ରବର୍ତ୍ତନ କରାଯିବ ।

(୨) ପ୍ରତ୍ୟେକ ଗୃହର ଆବର୍ଜନା ସଂଗ୍ରହ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ ହୋଇ ପ୍ରକାଶିତ ହେବ, ସାଧାରଣତଃ ଘରଠାରୁ ଘର ଯାଏ ଆବର୍ଜନା ସଂଗ୍ରହ ସମୟ ସକାଳ ୬ଟାରୁ ୧୧ଟା ମଧ୍ୟରେ ନିର୍ଦ୍ଧାରିତ ହେବ । ବ୍ୟବସାୟିକ ପ୍ରତିଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନରେ ଥିବା ଦୋକାନ ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ ବର୍ଜ୍ୟବସ୍ତୁ ଉତ୍ପାଦକଙ୍କ ଠାରୁ ଆବର୍ଜନା ସଂଗ୍ରହ ସମୟ ସୀମା ସକାଳ ୭ଟାରୁ ୧୨ଟା ମଧ୍ୟରେ ନିର୍ଦ୍ଧାରିତ ହେବ ।

(୩) ବୃହତ ଅନୁଷ୍ଠାନ ପରିସର, ଆବାସିକ କମ୍ପ୍ଲେକ୍ସ ସେମାନଙ୍କ ଆବାସ ପରିସରରେ ଯେତିକି ସମ୍ଭବ ସେତିକି ଜୈବ ବିଘଟନକ୍ଷମ ବର୍ଜ୍ୟବସ୍ତୁ କୁ ପ୍ରକିୟାକରଣ କରିବା ପାଇଁ ପ୍ରୋତ୍ସାହିତ ଏବଂ ପ୍ରୋତ୍ସାହ ହେବେ ।

(୪) ପ୍ରତି ବର୍ଜ୍ୟବସ୍ତୁ ସଂଗ୍ରହ ସ୍ଥାନରେ ସ୍ଥିରୀକୃତ ଆବାଜସୀମା ମଧ୍ୟରେ ନିର୍ଦ୍ଧାରିତ ବେଲ୍ ବା ଘଣ୍ଟିରବ୍ୟବସ୍ଥା କରାଯିବ ।

(୫) ହୋଟେଲ, ରେଷ୍ଟୁରାଣ୍ଟ, କାର୍ଯ୍ୟାଳୟ ପରିସର,ଶିକ୍ଷାନୁଷ୍ଠାନ, ବିବାହଘର, ହସ୍ପିଟାଲର ଅଣଭେଷଜ ବର୍ଜ୍ୟବସ୍ତୁ ଉତ୍ପାଦକମାନଙ୍କ ଠାରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ପାଇଁ ବନ୍ଦୋବସ୍ତ କରାଯିବ ।

(୬) ପରିବା, ଫଳ, ଫୁଲ, ମାଂସ, କୁକୁଡ଼ା ଏବଂ ମାଛ ବଜାରରୁ ଦିନକୁ ଦିନ ବର୍ଜ୍ୟବସ୍ତୁ ସଂଗ୍ରହର ବନ୍ଦୋବସ୍ତ କରାଯିବ ।

(୭) ଉଦ୍ୟାନକୃଷିର ବର୍ଜ୍ୟବସ୍ତୁ, ବଗିଚା ବର୍ଜ୍ୟବସ୍ତୁ (ବ୍ୟକ୍ତିଗତ ଘରୁ ନୁହେଁ) ପୃଥକ୍ ଭାବରେ ସଂଗୃହୀତ ହୋଇ ଉପଯୁକ୍ତ ବିଧି ଅନୁସାରେ ନଷ୍ଟ କରାଯିବ । ଏହି କାର୍ଯ୍ୟ ପାଇଁ ସପ୍ତାହରେ ଗୋଟିଏ ଦିନକାର୍ଯ୍ୟ କରାଯିବ ।

(୮) ମାତ୍ର ଫଳ ଏବଂ ପନିପରିବା ବଜାର, ମାଛ ଓ ମାଂସ ବଜାରରୁ ବାହାରୁଥିବା ଜୈବ ବିଘଟନକ୍ଷମ ବର୍ଜ୍ୟବସ୍ତୁ । ପାର୍କ ଏବଂ ବଗିଚାରୁ ବାହାରୁଥିବା ଉଦ୍ୟାନକୃଷି ବର୍ଜ୍ୟବସ୍ତୁର ସର୍ବୋତମ ବ୍ୟବହାର ପାଇଁ ଏବଂ ସମ୍ଭବ ଅନୁସାରେ ସଂଗ୍ରହ ଓ ପରିବହନ ଖର୍ଚ୍ଚକୁ ସର୍ବନିମ୍ନ କରିବା ପାଇଁ ଏହି ବର୍ଜ୍ୟବସ୍ତୁ ଗୁଡିକ ସଂପୃକ୍ତ ବଜାର ସୀମା ମଧ୍ୟରେ ପ୍ରକିୟାକୃତ ହେବ । ଏବଂ ସେହିପରି ଉଦ୍ୟାନକୃଷି ବର୍ଜ୍ୟବସ୍ତୁ ଉଦ୍ୟାନ ଏବଂ ପାର୍କ ଭିତରେ କରାଯିବ ଆବଶ୍ୟକ ।

(୯) ନିୟୋଜିତ କର୍ମଚାରୀଙ୍କୁ ନିରାପତାକୁ ଦୃଷ୍ଟିରେ ରଖି ବିଭିନ୍ନ ପାତ୍ରରେଥିବା ଆବର୍ଜନାକୁ ସୁରକ୍ଷା ଆବରଣ ନଥିବା ଖାଲି ଅଙ୍ଗରେ ଏହାର ପରିଚାଳନା କରିବେ ନାହିଁ ।

## ଅନୁଛେଦ -୫

## ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ

**୭. ପରବର୍ତ୍ତୀ ମହଜୁଦ ସ୍ଥାନରେ ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁର ସଂରକ୍ଷଣ :**(୧).ପ୍ରତି ବାସଗୃହରୁ ସଂଗୃହୀତ ପୃଥକୀକୃତ କଠିନ ବର୍ଜ୍ୟବସ୍ତୁ ସଂରକ୍ଷଣ ଡିପୋକୁ ନିଆଯିବ ।

**(୨)** ପରବର୍ତ୍ତୀ ମହଜୁଦ ଡିପୋରେ a) ଅଣ ଜୈବବିଘଟନକ୍ଷମ କିମ୍ବା ଶୁଷ୍କ ବର୍ଜ୍ୟବସ୍ତୁ**b)**ଜୈବ ବିଘଟନକ୍ଷମ କିମ୍ବା ଆର୍ଦ୍ର ବର୍ଜ୍ୟବସ୍ତୁc)ବାସଗୃହ ବିପଜ୍ଜନକ ନିସୃତ ବର୍ଜ୍ୟବସ୍ତୁ ଇତ୍ୟାଦି ନିମନ୍ତେ ଉପଯୁକ୍ତ ବିନ୍ ଗୁଡ଼ିକର ବନ୍ଦୋବସ୍ତ ଥିବା ଉଚିତ ।

**(୩)** ପୃଥକୀକରଣକୁ ପୋତ୍ସାହନ ଦେବାପାଇଁ ପୌରନିଗମ ଦ୍ୱାରା ସ୍ଥିରୀକୃତ ବିଭିନ୍ନ ରଙ୍ଗର ପାତ୍ର ଯଥା -ନୀଳରଙ୍ଗର ପାତ୍ର ଜୈବ ବିଘଟନକ୍ଷମ ବର୍ଜ୍ୟବସ୍ତୁ ପାଇଁ ;ଅଣ

ଜୈବବିଘଟନକ୍ଷମ ପାଇଁ ଧଳାରଂଗର ପାତ୍ର ଏବଂ ବାସଗୃହ ନିସୃତ ବିପଜ୍ଜନକ ବର୍ଜ୍ୟବସ୍ତୁ ପାଇଁ କଳା ରଂଗର ପାତ୍ର ବ୍ୟବହୃତ ହେବ ।

(୪) ପୌରନିଗମନିଜ ତରଫରୁ କିମ୍ବା ବାହାର ସଂସ୍ଥା ଦ୍ୱାରା ଚତୁଃପାର୍ଶ୍ୱରେ ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁର ସଂରକ୍ଷଣ ଓ ପରିଚାଳନାର ଏପରି ବ୍ୟବସ୍ଥା କରିବେ ଯାହାଦ୍ୱାରା ପରିବେଶ ଦୂଷିତ କିମ୍ବା ଅପରିଷ୍କାର ହେବ ନାହିଁ ।

(୫) ପରବର୍ତ୍ତୀ ସଂରକ୍ଷଣ ଡିପୋକୁ ଏହି ଉପବିଧିରେ ବିଭିନ୍ନ ଆକୃତିର ଓ ରଂଗର ସଂରକ୍ଷଣ ପାତ୍ରପୌରନିଗମବା ଅଧୀକୃତ ସଂସ୍ଥା ଦ୍ୱାରା ଯୋଗାଇ ଦିଆଯିବ ।

(୬) ନିର୍ଦ୍ଦିଷ୍ଟ ଅଂଚଳରେ ଲୋକସଂଖ୍ୟାର ସାନ୍ଦ୍ରତା ଏବଂ ବର୍ଜ୍ୟବସ୍ତୁର ଉଦ୍‌ଗମନ ପରିମାଣକୁ ବିଚାରକୁ ନେଇ ସଂରକ୍ଷଣ ସୁବିଧା ସୃଷ୍ଟି ହେବ ଏବଂ ପ୍ରତିଷ୍ଠିତ ହେବ ।

(୭) ସଂରକ୍ଷଣ ବ୍ୟବସ୍ଥା ଏପରି ବ୍ୟବସ୍ଥିତ ହେବ, ଯାହା ଦ୍ୱାରା ସଂରକ୍ଷିତ ବର୍ଜ୍ୟବସ୍ତୁ ଖୋଲା ହୋଇ ରହିବ ନାହିଁ ମାତ୍ର ବ୍ୟବହାର ସଂବେଦୀ ହୋଇପାରିବ ।

(୮) ପ୍ରତ୍ୟେକ ସମବାୟ ସମିତି, ସଂଗଠନ, ଆବାସିକ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନପୌରନିଗମ ଦ୍ୱାରା ବ୍ୟବହୃତ ଆଧାର ବା ପାତ୍ର ଭଳି ପାତ୍ର ବ୍ୟବହାର କରିବେ ଏବଂ ଉପଯୁକ୍ତ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣର ପାତ୍ର ରଖିବେ ଯାହା ଫଳରେ ପ୍ରତ୍ୟେହ ନିସୃତ ବର୍ଜ୍ୟବସ୍ତୁ ସେଥିରେ ରହିପାରିବ ।

(୯) ପ୍ରତ୍ୟେକ ରାସ୍ତାକଡର ଦୋକାନୀ ସେମାନଙ୍କର ବ୍ୟବହାର କାଳରେ ଖାଦ୍ୟାଂଶ,ପୁନଃବ୍ୟବହାର ଅଯୋଗ୍ୟ ପାତ୍ର, କପ୍, କ୍ୟାନ, ଗୁଡିଆକାଗଜ, ନଡିଆ ଷଢେଇ, ବଳକା ଖାଦ୍ୟାଂଶ,ପନିପରିବା, ଫଳ ଇତ୍ୟାଦିକୁ ଉପଯୁକ୍ତ  ପାତ୍ରରେ ରଖିବେ ଏବଂ ପୌରନିଗମ ଦ୍ୱାରା ନିର୍ଦ୍ଧାରିତ ବର୍ଜ୍ୟବସ୍ତୁ ସଂରକ୍ଷଣ ଡିପୋ, କିମ୍ବା ପାତ୍ର କିମ୍ବା ଗାଡିରେ ସେଗୁଡିକୁ ହସ୍ତାନ୍ତରିତ କରିବେ ।

## ଅନୁଚ୍ଛେଦ -୬

## ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁର ପରିବହନ

**୮.ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁର ପରିବହନ :** ୧) ବର୍ଜ୍ୟବସ୍ତୁ ପରିବହନ ପାଇଁ ବ୍ୟବହୃତ ହେଉଥିବା ଗାଡିଗୁଡିକ ଆବୃତ କରିବା ଆବଶ୍ୟକ ଅର୍ଥାତ୍ ଏଗୁଡିକ ମୁକ୍ତ ବାୟୁମଣ୍ଡଳକୁ ଉନ୍ମୁକ୍ତ ରହିପାରିବେ ନାହିଁ ।

(୨) ପୌରନିଗମଦ୍ୱାରା ନିର୍ଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥାକୁ ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ପ୍ରତ୍ୟେହ ତଦାରଖ କରାଯିବ । ପାତ୍ରଗୁଡିକ ରଖାଯାଇଥିବା ସ୍ଥାନଗୁଡିକ ମଧ୍ୟ ସଫେଇ କରାଯିବ।

(୩) ଆବାସିକ ସ୍ଥାନ ଏବଂ ଅନ୍ୟାନ୍ୟ ଅଂଚଳରୁ ସଂଗୃହୀତ ପୃଥକୀକୃତ ଜୈବବିଘଟିତ ବର୍ଜ୍ୟବସ୍ତୁ, କମ୍ପୋଷ୍ଟପ୍ଲାଣ୍ଟ, ଜୈବ ବାହ୍ୟସ୍ଥଳ କିମ୍ବା ସେହିଭଳି କୌଣସି କ୍ଷେତ୍ର ଭଳି ପ୍ରକିୟାକରଣ ସ୍ଥାନକୁ ଆବୃତ କରି ସ୍ଥାନାନ୍ତରିତ ହେବା ଉଚିତ ।

(୪) ଆବଶ୍ୟକ ସ୍ଥଳେ ଜୈବବିଘଟନକ୍ଷମ ବର୍ଜ୍ୟବସ୍ତୁର ପ୍ରକିୟାକରଣ ପାଇଁ ଉକ୍ତ ସ୍ଥାନକୁ ଅଗ୍ରାଧିକାର ଦିଆଯିବା ଉଚିତ ।

(୫) ସଂଗୃହୀତ ଅଣ ଜୈବବିଘଟନକ୍ଷମ ବର୍ଜ୍ୟବସ୍ତୁ ସଂପୃକ୍ତ ପ୍ରକିୟାକରଣ ବ୍ୟବସ୍ଥା କିମ୍ବା ବସ୍ତୁ ପୁନଃପ୍ରାପ୍ତି ବ୍ୟବସ୍ଥା କିମ୍ବା ସଂପୃକ୍ତ ପ୍ରକିୟାକରଣ ବ୍ୟବସ୍ଥା କ୍ଷେତ୍ରକୁ ପରିବାହିତ ହେବା ଉଚିତ ।

(୬) ନିର୍ମାଣ ଏବଂ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁସାରେ ନିର୍ମାଣ ଏବଂ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ସ୍ଥାନାନ୍ତରିତ ହେବା ଉଚିତ୍ ।

(୭) ଅଣ ପୁନଃପ୍ରାପ୍ତିକ୍ଷମ, ରାସ୍ତାର ଧୂଳି, ନାଳ ସଫେଇର ନିସୃତ ପଟୁ ଭଳି ନିଷ୍କ୍ରିୟ ବର୍ଜ୍ୟବସ୍ତୁକୁ ସ୍ଥାନାନ୍ତରିତ କରିବା ପାଇଁ ପୌରନିଗମଉପଯୁକ୍ତ ବ୍ୟବସ୍ଥା କରିବେ ।

(୮) ପରିବହନ ଗାଡି ଗୁଡିକ ଏପରି ନିର୍ମିତ ହୋଇଥିବେ ଯେ, ସର୍ବଶେଷ ନିଷ୍କାସନ ପୂର୍ବରୁ ସେଗୁଡିକର ବହୁବିଧି ବ୍ୟବହାର ଏଡେଇ ଦେଇ ହେବ ।

## ଅନୁଚ୍ଛେଦ -୭

## ମ୍ୟୁନିସ୍ପାଲ କଠିନ ବର୍ଜ୍ୟବସ୍ତୁର ପ୍ରକିୟାକରଣ

୯. **ମ୍ୟୁନିସ୍ପାଲ କଠିନ ବର୍ଜ୍ୟବସ୍ତୁର ପ୍ରକିୟାକରଣ :** କଠିନ ବର୍ଜ୍ୟବସ୍ତୁର ବିବିଧ ଉପାଦାନରେ ସର୍ବୋତମ ବ୍ୟବହାର ପାଇଁ ନିମ୍ନ କୌଶଳ ସମେତ ଉପଯୋଗୀକାରିଗରୀ ବିଦ୍ୟା ସହାୟତାରେ ସହରୀ ବିକାଶ ମନ୍ତ୍ରଣାଳୟ ଦ୍ୱାରା ସମୟକ୍ରମେ ପ୍ରଦତ ନିର୍ଦ୍ଦେଶାବଳୀ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ନିର୍ଦ୍ଦେଶିତମାନଙ୍କୁ ଅନୁସରଣ କରିପୌରନିଗମ ନିଜ ତରଫରୁ କିମ୍ବା କୌଣସି ମାଧ୍ୟମ ସହାୟତାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ବା ସହାୟକ ଭିତିଭୂମିର ନିର୍ମାଣ, ବ୍ୟବହାର ଏବଂ ରକ୍ଷଣାବେକ୍ଷଣାର ବ୍ୟବସ୍ଥା କରାଇବେ ସ୍ୱଳ୍ପ ପରିବହନ ଖର୍ଚ୍ଚ ଏବଂa)ଜୈବଦାହ୍ୟ, ଜୈବିକ କମ୍ପୋଷ୍ଟୀକରଣ, ଜିଆ କମ୍ପୋଷ୍ଟୀକରଣ, ଆନାରେଓବିକ୍ ଡାଇଜେସନ୍ କିମ୍ବା ବିଘଟନକ୍ଷମ ବର୍ଜ୍ୟବସ୍ତୁ ର ଦାହ୍ୟକ୍ଷମ ଆଂଶିକତା ପାଇଁ ପରିତ୍ୟକ୍ତ ଉଦ୍‌ବୃତ ଜାଳେଣି ସମେତ ଶକ୍ତି ପାଇଁ ବର୍ଜ୍ୟବସ୍ତୁ ବ୍ୟବସ୍ଥା କିମ୍ବା କଠିନ ବର୍ଜ୍ୟବସ୍ତୁ ଆଧାରିତ ଶକ୍ତିପ୍ଲାଣ୍ଟ ବା ସିମେଣ୍ଟ ଚୁଲ୍ଲି ପାଇଁ ଖୋରାକ ଯୋଗାଇବା ଭଳି ପରିବେଶଗତ ପ୍ରଭାବର ହ୍ରାସ ପାଇଁ ବିକେନ୍ଦ୍ରୀକୃତ ପ୍ରକିୟାକରଣକୁ ଗୁରୁତ୍ୱ ଦିଆଯିବ ।b)ବର୍ଜ୍ୟରୁ ଶକ୍ତି ଉତ୍ପାଦନ ପ୍ରକିୟା ମଧ୍ୟରେ ରିଫ୍ୟୁଜଡ୍ ଓ ଡିଭାଇରଡ୍ ଫୁଏଲ ବା ଅଦରକାରୀକୁ ଜାଳେଣି କୁ ସିମେଣ୍ଟଭାଟି କିମ୍ବା କଠିନବର୍ଜ୍ୟରୁ ଶକ୍ତି ଉତ୍ପାଦନ ପ୍ଲାଣ୍ଟକୁ କମ୍ବୁଷ୍ଟିବଲ୍ ବିଖଣ୍ଡନ ପ୍ରକିୟା ମଧ୍ୟମରେ ଆବଶ୍ୟକ ଦ୍ରବ୍ୟ ଭାବେ ବ୍ୟବହୃତ ହୁଏ ।

## ଅନୁଚ୍ଛେଦ -୮

## ମ୍ୟୁନିସ୍ପାଲ କଠିନ ବର୍ଜ୍ୟବସ୍ତୁର ବିନିଯୋଗ

୧୦. **ବର୍ଜ୍ୟବସ୍ତୁ ନିଷ୍କାସନ :** ପୌରନିଗମ ଗୁଡିକ ନିଜେ କିମ୍ବା ଅନ୍ୟ ସଂସ୍ଥା ମାଧ୍ୟମରେ ବଳକା ବର୍ଜ୍ୟବସ୍ତୁ ଓ ଖାଲ ପୋତିବା ପଦ୍ଧତିର ନିର୍ମାଣ ପରିଚାଳନା ଓ ରକ୍ଷଣାବେକ୍ଷଣ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ୨୦୧୬ ଦ୍ୱାରା ନିର୍ଦ୍ଧାରିତ ଅନୁଯାୟୀ କରିବେ ।

## ଅନୁଚ୍ଛେଦ -୯

## ୱାର୍ଡ କମିଟି ଦ୍ୱାରା ନିୟନ୍ତ୍ରଣ

**୧୧. ୱାର୍ଡ ପରିମଳ କମିଟି ଗଠନ:** ପୌରନିଗମ ପ୍ରତ୍ୟେକ ୱାର୍ଡରେ ଗୋଟିଏ ଲେଖାଏଁ ୱାର୍ଡ ପରିମଳ କମିଟି ଗଠିତ ହେବ । ଏଥିରେ ୧୧ରୁ ୧୫ ଯାଏଁ ସଭ୍ୟ ରହିବେ । ୱାର୍ଡ କାଉନସିଲର୍, ଟିକସ ଆଦାୟକାରୀ କିମ୍ବା ପ୍ରତି ୱାର୍ଡ ପାଇଁ ପୌରନିଗମ ଦ୍ୱାରା ଭାରପ୍ରାପ୍ତ ଅଧିକାରୀ, ଆବାସିକ ବିକାଶ ସଂଗଠନର ଜଣେ ପ୍ରତିନିଧି, ବସ୍ତି ପରିମଳ କମିଟିର ପ୍ରତିନିଧି, ଗୋଷ୍ଠୀଭିତିକ(ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବକ ସଂଘ ଇତ୍ୟାଦି) ସଂସ୍ଥାର ପ୍ରତିନିଧି, ସ୍ଥାନୀୟ ନେତା, ବରିଷ୍ଠ ନାଗରିକ ଇତ୍ୟାଦିଙ୍କୁ ୱାର୍ଡ ପରିମଳ କମିଟିରେ ସଦସ୍ୟ ରହିବେ । ଏହି କମିଟି ସଂପୃକ୍ତ ୱାର୍ଡର ପରିମଳ ବ୍ୟବସ୍ଥା ଓ କାର୍ଯ୍ୟକ୍ରମକୁ ତଦାରଖ କରିବେ ।

## ଅନୁଚ୍ଛେଦ -୧୦

## ବ୍ୟବହାରିକ ଦେୟ ଓ ଜୋରିମାନା

**୧୨. ମ୍ୟୁନିସ୍‌ପାଲ କଠିନ ବର୍ଜ୍ୟବସ୍ତୁର ସଂଗ୍ରହ, ପରିବହନ ଓ ବିନିଯୋଗ ପାଇଁ ବ୍ୟବହାରିକ ଦେୟ :**(୧)a) ଦ୍ୱାରକୁ ଦ୍ୱାର ଏବଂ ଆନୁଷ୍ଠାନିକ ଜୈବବସ୍ତୁ ଉତ୍ପାଦକଙ୍କଠାରୁ ଆବର୍ଜନା ସଂଗ୍ରହ ପାଇଁ ପୌରନିଗମ କିମ୍ବା ଭାରପ୍ରାପ୍ତ ଅଧିକାରୀ କିମ୍ବା ୱାର୍ଡ ପରିମଳ କମିଟି କିମ୍ବା ସଂପୃକ୍ତ ଅଂଚଳର କିମ୍ବା ୱାର୍ଡର ଭାରପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରତ୍ୟେକ ବର୍ଜ୍ୟବସ୍ତୁ ଉତ୍ପାଦକଙ୍କଠାରୁ ନିର୍ଦ୍ଧାରିତ ବ୍ୟବହାରିକ ଦେୟ ଆଦାୟ କରାଯିବ ।

b) ପୌରନିଗମ ଗୁଡିକ ଅନ୍ ଲାଇନ୍ ମାଧ୍ୟମରେ କାର୍ଯ୍ୟାଳୟର ସ୍ୱତନ୍ତ୍ର ଆଦାୟ ଅଧିକାରୀ କିମ୍ବା ସହକାରୀ କାର୍ଯ୍ୟାଳୟ, କିମ୍ବା ଜଳରାଜସ୍ୱ, ବିଦ୍ୟୁତ୍‌ଶକ୍ତି କିମ୍ବା ପୋଷ୍ଟ ଅଫିସ ଭଳି ଅନ୍ୟାନ୍ୟ କାଉଣ୍ଟର ମାଧ୍ୟମରେ ପୌରନିଗମ ପରିମଳ ବ୍ୟବହାରିକ ଦେୟ ବା ଜୋରିମାନା ଆଦାୟର ବିଭିନ୍ନ ଉପାୟ ଅବଲମ୍ବନ କରିବେ ।

c) ବସ୍ତି ଅଂଚଳରେ ମାସରେ ସ୍ୱତନ୍ତ୍ର ଦିନରେ ଅର୍ଥାତ୍ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପରିମଳ ବ୍ୟବହାରିକ ଦେୟ ଆଦାୟର ଦିନ ଧାର୍ଯ୍ୟ କରାଯିବ । ଏହା ନିର୍ଦ୍ଧିଷ୍ଟ ୱାର୍ଡରେ ୱାର୍ଡ ପରିମଳ କମିଟି ଦ୍ୱାରା ଆୟୋଜିତ ହେବ ।

d) ଏକକାଳୀନ ବା ଷାଣ୍ମାସିକ ଦେୟ ପ୍ରଦାନର ବ୍ୟବସ୍ଥା ମଧ୍ୟ କରାଯିବ । ଯଦି ଏକକାଳୀନ ବର୍ଷକର ବ୍ୟବହାରିକ ଦେୟ କେହି ଦେବାକୁ ଚାହାନ୍ତି, ତେବେ ତାଙ୍କଠାରୁ ବାର୍ଷିକ ବଦଳରେ ଦଶମାସର ଦେୟ ଆଦାୟ କରାଯିବ । ସେହିପରି ଛ'ମାସିଆ ଦେୟ ଏକାଥରେ ଦେଲେ ୫ମାସ ୧୫ଦିନର ଦେୟ ଆଦାୟ କରାଯିବ ।

e) ପୌରନିଗମର ପ୍ରତ୍ୟେକ ୱାର୍ଡର ୱାର୍ଡ ପରିମଳ କମିଟି ପୌରନିଗମ ଦ୍ୱାରା ସ୍ଥିରୀକୃତ ଜୋରିମାନା ସଂପୃକ୍ତ ଖିଲାପକାରୀଙ୍କ ଉପରେ ଲାଗୁ କରି ସେହି ସ୍ଥାନରେ ପୌରନିଗମର ନିର୍ଦ୍ଧାରିତ ପଦ୍ଧତିରେ ଆଦାୟ କରିବେ ।

(୨) ବିଭିନ୍ନ ଉପଭୋକ୍ତା ଓ ବର୍ଜ୍ୟବସ୍ତୁ ଉତ୍ପାଦକଙ୍କଠାରୁ ଆବର୍ଜନା ସଂଗ୍ରହ ଓ ପରିବହନ ଏବଂ ବିନିଯୋଗ ସେବା ପ୍ରଦାନ ପାଇଁ ପୌରନିଗମ ଦ୍ୱାରା ବ୍ୟବହାରିକ ଦେୟ ପରିମାଣ ନିର୍ଦ୍ଧାରିତ ହୋଇଥାଏ । ପରିଶିଷ୍ଟ-୧ ଅନୁସାରେ ରାଜ୍ୟସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ଦେୟକୁ ଆଧାର କରି ଆବଶ୍ୟକତା ଅନୁସାରେ ବ୍ୟବହାରିକ ଦେୟ ପୌରନିଗମ ଦ୍ୱାରା ସମୟକ୍ରମେ ପରିବର୍ତ୍ତିତ ହୋଇପାରିବ ।

(୩) ଏହି କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ବ୍ୟବହାରିକ ଦେୟ ଉପବିଧି ଅନୁସାରେ ଖିଲାପକାରୀଙ୍କ ଠାରୁ ଜୋରିମାନା ଆଦାୟ କରାଯାଇପାରିବ । ପରିଶିଷ୍ଟ-୨ ଅନୁସାରେ ରାଜ୍ୟସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ଜୋରିମାନାକୁ ଆଧାର କରି ପୌରନିଗମ ଜୋରିମାନା ରାଶିକୁ ଆବଶ୍ୟକତା ଅନୁସାରେ ସମୟକ୍ରମେ ପରିବର୍ତ୍ତନକରିପାରିବେ ।

## ଅନୁଚ୍ଛେଦ -୧୧

## ଉପଭୋକ୍ତାଙ୍କ ଦାୟିତ୍ୱ

**୧୩.ବିବିଧ ଉପଭୋକ୍ତାଙ୍କ ଦାୟିତ୍ୱ-(୧)ବର୍ଜ୍ୟବସ୍ତୁ ଉପୁଜାଉଥିବା ଉପଭୋକ୍ତାଙ୍କ ଦାୟିତ୍ୱ :**

a) କୌଣସି ବର୍ଜ୍ୟବସ୍ତୁ ଉତ୍ପାଦନକାରୀ ନିଜଦ୍ୱାରା ସୃଷ୍ଟ ବର୍ଜ୍ୟବସ୍ତୁକୁ ରାସ୍ତା, ଖୋଲାଜାଗା, ନାଳ, କିମ୍ବା ପାଣି ନାଳରେ ପକାଇ ପାରିବେ ନାହିଁ ।

b) କୌଣସି ବ୍ୟକ୍ତି ସଂସ୍ଥା କିମ୍ବା ବାଣିଜ୍ୟିକ ପ୍ରତିଷ୍ଠାନରୁ ସେମାନଙ୍କ ଘରୁ ନିଷ୍କାସିତ ଦୂଷିତ ଜଳ, କାଦୁଅ, ମଳ, ଗୋବର ମୁତ୍ର, ସଂକ୍ରମିତ ଜଳ ସେମାନଙ୍କର ପରିସରରେ ଏକତ୍ର ଠୁଳ କରି ପାରିବେ ନାହିଁ କିମ୍ବା ସାଧାରଣ ରାସ୍ତାରେ ଛାଡି ପାରିବେ ନାହିଁ ଯାହା ଦ୍ୱାରା ଦୁର୍ଗନ୍ଧ ପରିବେଶ ପରିପୂର୍ଣ୍ଣ ହେବ ବା ସର୍ବସାଧାରଣ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବ ।

c) ବ୍ୟବହୃତ ପରିମଳ ବସ୍ତୁ ଯେତେବେଳେ ଫିଙ୍ଗିବେ ସେତେବେଳେ କୌଣସି ଖବରକାଗଜ କିମ୍ବା ଉଚିତ ଜୈବ ବିଘଟନକ୍ଷମ ଗୁଡାହେବା ବସ୍ତୁରେ ଏହାକୁ ସୁରକ୍ଷା କରି, ବନ୍ଦ କରି ଅଣ ଜୈବିକ ବିଘଟନକ୍ଷମ ବର୍ଜ୍ୟବସ୍ତୁ ପାଇଁ ଉର୍ଦ୍ଦିଷ୍ଟ ପାତ୍ର ବା ଆଧାରରେ ରଖିବେ ।

d) ପ୍ରତ୍ୟେକ ନାଗରିକ ନିଜ ପରିସରରୁ ବାହାରୁଥିବା ପୁନଃବ୍ୟବହାର କ୍ଷମ ବର୍ଜ୍ୟବସ୍ତୁକୁ ବିନିଯୋଗ କରିବା ପାଇଁ ପୌରସଂସ୍ଥା ଅଧୀକୃତ ବର୍ଜ୍ୟବସ୍ତୁ ସଂଗ୍ରାହକ କିମ୍ବା ବର୍ଜ୍ୟବସ୍ତୁ ସଂଗ୍ରାହକ କିମ୍ବା ସଂସ୍ଥାର ପାତ୍ର ବ୍ୟବହାର କରିବେ ମାତ୍ର କୌଣସି ପରିସ୍ଥିତିରେ ତାହାକୁ ରାସ୍ତାରେ ରଖିବେନାହିଁ ।

e) ପ୍ରତ୍ୟେକ ବର୍ଜ୍ୟବସ୍ତୁ ଉତ୍ପାଦକ ଏହି ଉପବିଧିରେ ନିର୍ଦ୍ଦିଷ୍ଟ ବ୍ୟବହାରିକ ଦେୟ ପ୍ରଦାନ କରିବେ ।

f) ଯେ କୌଣସି ବର୍ଜ୍ୟବସ୍ତୁ ଉତ୍ପାଦକ ନିଜ ଦ୍ୱାରା ବାହାରୁଥିବା କଠିନ ବର୍ଜ୍ୟବସ୍ତୁକୁ ନିଜ ପରିସରର ବାହାର ଜାଗାରେ କିମ୍ବା ନାଳ କିମ୍ବା ପାଣି ନାଳରେ ପକାଇ ପାରିବେ ନାହିଁ କି ଜଳାଇପାରିବେ ନାହିଁ କି ପୋତି ପାରିବେ ନାହିଁ ।

g) କୌଣସି ମୃତ ଜୀବର ଶରୀର କିମ୍ବା ଅବଶିଷ୍ଟାଂଶ କୌଣସି ସର୍ବସାଧାରଣ ସ୍ଥାନ ବା ପ୍ରଦୂଷଣ ସୃଷ୍ଟି କଲା ଭଳି କୌଣସି ସ୍ଥାନରେ ପକାଇ ଦିଆଯିବ ନାହିଁ ।

h) ଯଦି କୌଣସି ବ୍ୟକ୍ତି ବାରଣ କରାଯାଇଥିବା କାର୍ଯ୍ୟରେ ଲିପ୍ତ ରୁହନ୍ତି, ତେବେ ପୌରନିଗମ ଦ୍ୱାରା ନିର୍ଦ୍ଧାରିତ ଜୋରିମାନା ତାଙ୍କଠାରୁ ଆଦାୟ କରାଯିବ ।

**(୨)ଓ୍ୱାର୍ଡ ପରିମଳ କମିଟିର ଦାୟିତ୍ୱ :**

(a) ଓ୍ୱାର୍ଡ ମଧ୍ୟସ୍ଥ ପରିମଳ ଏବଂ ପରିଚ୍ଛନ୍ନତାକୁ ତଦାରଖ କରିବା ଓ୍ୱାର୍ଡ ପରିମଳ କମିଟିର ଦାୟିତ୍ୱ ।

(b) ଓ୍ୱାର୍ଡ ପରିମଳ କମିଟିଓ୍ୱାର୍ଡ ସ୍ତରର ପରିମଳ ସଂକ୍ରାନ୍ତୀୟ ଆପତି ଅଭିଯୋଗ ଶୁଣାଣି କେନ୍ଦ୍ର ଭାବେ କାର୍ଯ୍ୟ କରିବ ।

(c) କୌଣସି ଖିଲାପକାରୀ ଉପରେ ଜୋରିମାନା କରିବା କିମ୍ବା କୌଣସି କ୍ଷେତ୍ରରେ ଜୋରିମାନାକୁ ମୁକ୍ତ କରିବା କ୍ଷମତା ଓ୍ୱାର୍ଡ ପରିମଳ କମିଟିର ରହିବ ।

(d) ଓ୍ୱାର୍ଡ ପରିମଳ କମିଟି, ଗୃହ କମ୍ପୋଷ୍ଟୀକରଣ, ବାୟୋ ଗ୍ୟାସ୍ ସୃଷ୍ଟି ଏବଂ ଦୁର୍ଗନ୍ଧ ନିୟନ୍ତ୍ରଣ ଗୋଷ୍ଠୀ ସ୍ତରରେ ବର୍ଜ୍ୟବସ୍ତୁର ବିକେନ୍ଦ୍ରୀକୃତ ପ୍ରକିୟାକରଣ ଏବଂ ବ୍ୟବସ୍ଥା ଚତୁପାର୍ଶ୍ୱରେ ପରିମଳ ରକ୍ଷଣାବେକ୍ଷଣା କୁ ପ୍ରୋତ୍ସାହିତ କରିବେ ।

(e) ଓ୍ୱାର୍ଡ ପରିମଳ କମିଟି ଏହି ଉପବିଧି ଗୁଡିକର ଯେ କୌଣସି ଖିଲାପକାରୀଙ୍କୁ ସତର୍କ କରିପାରିବେ । ପୌରନିଗମ ବା ଓ୍ୱାର୍ଡ ପରିମଳ କମିଟି ଦ୍ୱାରା ପ୍ରଦତ ଦ୍ୱିତୀୟ ସତର୍କ ସୂଚନା ପରେ ଖିଲାପକାରୀଙ୍କ ଠାରୁ ଉପବିଧି ମୁତାବକ ଜୋରିମାନା ଆଦାୟ କରାଯିବ ।

**(୩) ପୌରନିଗମର କର୍ତବ୍ୟ:**

(a) ନିଜ ଅଧୀକୃତ ଅଂଚଳ ମଧ୍ୟରେ ପ୍ରତିଦିନ ଓ ବର୍ଷସାରା ସର୍ବସାଧାରଣ ରାସ୍ତା, ସ୍ଥାନ, ଅସ୍ଥାୟୀ ଜନବସତି, ବସ୍ତି, ଅଂଚଳ, ବଜାର, ନିଜର ପାର୍କ, ବଗିଚା, ପର୍ଯ୍ୟଟନ କ୍ଷେତ୍ର, କବରସ୍ଥାନ ଇତ୍ୟାଦିର ସଫେଇ କାର୍ଯ୍ୟ ପରିପୂରଣ ପାଇଁ ପୌରନିଗମ ଦାୟୀ

ରହିବେ ଏବଂ ଘୋଷିତ ନିକଟତମ ସଂରକ୍ଷଣ ପାତ୍ରରୁ ଆବର୍ଜନା ସଂଗ୍ରହ କରିବାକୁ ଏବଂ ପ୍ରତ୍ୟେକ ଦିନ ଏହାକୁ ସର୍ବଶେଷ ବିନିଯୋଗ କ୍ଷେତ୍ରକୁ ଆବୃତ ଗାଡିରେ ପଠାଇବା ନିଶ୍ଚିତ କରିବେ ଏବଂ ଏଥିପାଇଁ ସେ ନିଜର ସ୍ଥାୟୀ ସଫେଇ କର୍ମଚାରୀ ଓ ଗାଡି ବ୍ୟତିରେକ ଠିକା ଭାବରେ ଘରୋଇ ସଂସ୍ଥା ବା ଘରୋଇ ସର୍ବସାଧାରଣ ସହଭାଗୀଙ୍କୁ ନିୟୋଜିତ କରିପାରିବେ ।

(b) ପୌରନିଗମ ବା ଉକ୍ତ ସଂସ୍ଥା ଦ୍ୱାରା ନିୟୋଜିତ ଅଧୀକୃତ ସଂସ୍ଥା ସର୍ବସାଧାରଣ ରାସ୍ତା କିମ୍ବା ସର୍ବସାଧାରଣ ସ୍ଥାନକୁ ଉପଯୁକ୍ତ ଗୋଷ୍ଠୀଭିତି ପାତ୍ର ଯୋଗାଇଦେବେ ଏବଂ ରକ୍ଷଣାବେକ୍ଷଣ କରିବେ ।

(c) ବିକେନ୍ଦ୍ରିକୃତ ଓ ନିରନ୍ତର ଭାବରେ ଏହି ପରିମଳ ବ୍ୟବସ୍ଥାକୁ ପରିଚାଳନା କରିବାକୁ ସଂପୃକ୍ତ ପୌରନିଗମ ପ୍ରତି ୱାର୍ଡରେ ଜଣକୁ ୱାର୍ଡ କର୍ମକର୍ତ୍ତା ଭାବରେ ନାମିତ କରିବେ ଯିଏ ସହରର ଆବର୍ଜନାର ସର୍ବଶେଷ ବିନିଯୋଗ ଉଦ୍ଦେଶ୍ୟରେ ପାତ୍ର ରକ୍ଷିତ ସ୍ଥାନ, ସର୍ବସାଧାରଣ ଶୌଚାଳୟ, ସର୍ବସାଧାରଣ ସ୍ଥାନର ଗୋଷ୍ଠୀ ଶୌଚାଳୟ ବା ମୂତ୍ରାଳୟ, ସର୍ବସାଧାରଣ ଆବର୍ଜନା ପାଇଁ ସ୍ଥାନ ପରିବର୍ତ୍ତନ ଭୂମିପୂରଣ ପ୍ରକ୍ରିୟାକରଣ ସଂସ୍ଥା ଇତ୍ୟାଦିକୁ ତଦାରଖ କରିବେ ।

(d) ପୌରନିଗମ ଦ୍ୱାରା ନିୟୋଜିତ ୱାର୍ଡ କର୍ମକର୍ତ୍ତା ସଂପୃକ୍ତ ୱାର୍ଡ ପରିମଳ କମିଟିର ସଭ୍ୟ ରହିବେ, ଯେଉଁ କମିଟି ସଂପୃକ୍ତ ୱାର୍ଡର ପରିମଳ ସଂକ୍ରାନ୍ତୀୟ ଅଭିଯୋଗ ଶୁଣିବାର ପ୍ରାଥମିକ ସ୍ତର ଭାବରେ କାର୍ଯ୍ୟ କରିବେ ଏବଂ ନାଗରିକଙ୍କର ପରିମଳ ସମସ୍ୟା ଶୁଣିବେ ।

(e) ସମୟାନୁକ୍ରମେ ସହରୀ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ବୈଷୟିକ କୌଶଳ ଓ ନିର୍ଦ୍ଦେଶାବଳୀ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ମାନକ ସମେତ ଉପଯୁକ୍ତ କୌଶଳ ଅବଲମ୍ବନ ପୂର୍ବକ କଠିନ ବର୍ଜ୍ୟବସ୍ତୁର ବିବିଧ ଉପାଦାନର ସର୍ବୋତମ ବ୍ୟବହାର ପାଇଁ ପୌରନିଗମ ନିଜ ତରଫରୁ ବା ଅନ୍ୟ ସଂସ୍ଥା ମାଧ୍ୟମରେ କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ବ୍ୟବସ୍ଥା ଓ ଅନ୍ୟାନ୍ୟ ସହଯୋଗୀ ଭିତିଭୂମିର ନିର୍ମାଣ, କାର୍ଯ୍ୟପରିବେଶ ରକ୍ଷଣାବେକ୍ଷଣ ର ବନ୍ଦୋବସ୍ତ କରିବେ ।

(f) ପୌରନିଗମ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ମାଧ୍ୟମରେ ସଚେତନତା ସୃଷ୍ଟି କରିବେ ଏବଂ ବର୍ଜ୍ୟବସ୍ତୁର ସର୍ବନିମ୍ନ ଉତ୍ପାଦନ, ଆବର୍ଜନା, ଉପରେ ମଧ୍ୟ ସଚେତନ କରାଇବେ । ବର୍ଜ୍ୟବସ୍ତୁ ର ପୁନଃପ୍ରୟୋଗ, ଆର୍ଦ୍ର ଜୈବବିଘଟନକ୍ଷମବର୍ଜ୍ୟବସ୍ତୁର ଶୁଷ୍କ ପୁନଃପ୍ରବର୍ତନକ୍ଷମ, ଦାହ୍ୟ ବର୍ଜ୍ୟବସ୍ତୁ, ମୂଳପୀଠରେ ଗୃହୀ ବିପଜ୍ଜନକ ବର୍ଜ୍ୟବସ୍ତୁ, ବ୍ୟବହୃତ ପରିମଳ ଆବର୍ଜନାକୁ ଉତ୍ପନ୍ନ ଅବସ୍ଥାରୁ ଖବରକାଗଜ କିମ୍ବା ଉପଯୁକ୍ତଜୈବବିଘଟନକ୍ଷମ ଗୁଡା ହେବା ଭଳି ବସ୍ତୁରେ ଠିକ୍ ଭାବରେ ଗୁଡେଇ ଏବଂ ଅଣଜୈବବିଘଟନକ୍ଷମ ବର୍ଜ୍ୟବସ୍ତୁ ଉଦ୍ଦିଷ୍ଟ ଆବାସିକ ପାତ୍ରରେ ରଖିବା,ପୃଥକୀକୃତ ବର୍ଜ୍ୟବସ୍ତୁ କୁ ସଂରକ୍ଷିତ କରିବା, ଏବଂ ମାସିକ ବ୍ୟବହାରିକ ଦେୟ ପ୍ରଦାନ କରିବା ସଂପର୍କରେ ବର୍ଜ୍ୟବସ୍ତୁ ଉତ୍ପାଦନକାରୀଙ୍କୁ ସୂଚନା ଓ ଶିକ୍ଷା ଦେବେ ।

(g) ବିଜ୍ଞପ୍ତି ପ୍ରକାଶିତ ହେବାର ଦୁଇବର୍ଷ ମଧ୍ୟରେ ପୌରନିଗମ ପରିଚାଳିତ ସମସ୍ତ ପାର୍କ, ବଗିଚା,ଏବଂ ଅନ୍ୟାନ୍ୟ ସ୍ଥାନରେ ରାସାୟନିକ ସାର ବଦଳରେ କମ୍ପୋଷ୍ଟ ବ୍ୟବହୃତ କରିବେ ।

(h) ଅଣ ଆନୁଷ୍ଠାନିକ ବର୍ଜ୍ୟବସ୍ତୁ ପ୍ରବର୍ତନ ସେକ୍ଟର ଦ୍ଵାରା ପୁନଃଚକ୍ରଣ ପଦକ୍ଷେପ ପୋତ୍ସାହିତ କରିବ ।

(i) କଠିନ ବର୍ଜ୍ୟବସ୍ତୁରୁ ପରିଚାଳନା ପଦ୍ଧତିକୁ ଆନୁଷ୍ଠାନିକ ମାନ୍ୟତା ଦେଇ ନିର୍ଦ୍ଦିଷ୍ଟ ରୂପରେଖ ଦେବା ପାଇଁ ପୌରନିଗମ ପ୍ରଯନ୍ କରିବେ ଏବଂ ଉଦ୍ୟମ କରିବେ ଯେ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରର ଅଣଆନୁଷ୍ଠାନିକ କର୍ମଚାରୀ ସେମାନଙ୍କର କାର୍ଯ୍ୟଧାରା ଉନ୍ନତ କରିବାକୁ ପ୍ରାଥମିକତା ଦିଆଯିବ ଏବଂ ସହରର କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାରେ ପରିଗଣିତ ହେବେ ଓ ସମନ୍ୱୟ ହେଇ କାର୍ଯ୍ୟ କରିବେ ।

(j) ଏହା ମଧ୍ୟ ନିଶ୍ଚିତ କରିବାକୁ ହେବ ଯେ ଗୋଟିଏ ବ୍ୟବସ୍ଥାର ସଂଚାଳକ କଠିନ ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ପ୍ରତ୍ୟେକ କର୍ମଚାରୀଙ୍କୁ ବ୍ୟକ୍ତିଗତ ସୁରକ୍ଷାକାରୀ, ସ୍ୱତନ୍ତ୍ର ପୋଷାକ,ଫ୍ଲୋରେସେଣ୍ଟ ଜ୍ୟାକେଟ୍, ହାଫ ଗ୍ଲୋଭ, ବର୍ଷାତି, ଉପଯୁକ୍ତ ଜୋତା ଏବଂ ମୁଖା ଇତ୍ୟାଦି ଯୋଗାଇ ଦେଇଛନ୍ତି ଏବଂ ଏଗୁଡିକ ସମସ୍ତେ ବ୍ୟବହାର ମଧ୍ୟ କରୁଛନ୍ତି ।

(k) ବର୍ଜ୍ୟବସ୍ତୁ ସଂଗ୍ରହ, ପରିବହନ ଏବଂ କାରବାର ସହ ସଂପୃକ୍ତ ପୌରନିଗମର ନିଜସ୍ୱ କର୍ମଚାରୀ ଏବଂ ନିଯୁକ୍ତ ସଂସ୍ଥା କର୍ମଚାରୀଙ୍କୁ ଉପଯୁକ୍ତ ବ୍ୟକ୍ତିଗତ ସୁରକ୍ଷାକାରୀ ଉପକରଣ ପ୍ରଦାନ କରିବା ଉଚିତ ।

(l) କୌଣସି କଠିନ ବର୍ଜ୍ୟବସ୍ତୁ ପ୍ରକିୟାକରଣ କିମ୍ବା ଉପଚାର କିମ୍ବା ବିନିଯୋଗ କ୍ଷେତ୍ର, ଭୂ-ଖାଲ ପୋତିବା କ୍ଷେତ୍ରରେ ଯଦି ଆକସ୍ମିକ ଦୁର୍ଘଟଣା ଘଟେ ତାହାହେଲେ କାଳ ବିଳମ୍ବ ନକରି ବ୍ୟବସ୍ଥାର ଦାୟିତ୍ୱରେ ଥିବା କର୍ମକର୍ତ୍ତା ପୌରନିଗମକୁ ତାହା ଜଣାଇବେ । ଯିଏ ସମୀକ୍ଷା କରି ଆବଶ୍ୟକସ୍ଥଳେ ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଦେଶନାମା ଜାରି କରିବେ ।

## ଅନୁଚ୍ଛେଦ -୧୨

## ବହୁବିଧି

୧୪. ଏହି ଉପବିଧିର ତର୍ଜମା ଓ କାର୍ଯ୍ୟକାରିତା ଉପରେ କୌଣସି ସନ୍ଦେହ କିମ୍ବା କଷ୍ଟ ଜଟିଳତା ଉପୁଜେ ତେବେ ରାଜ୍ୟସରକାରଙ୍କୁ ସଂପୃକ୍ତ ପ୍ରଶ୍ନ ପ୍ରେରିତ ହେବ ଏବଂ ଏ ସଂକ୍ରାନ୍ତରେ ତାଙ୍କର ଚୁଡାନ୍ତ ହେବ ।

### ଅନୁସୂଚୀ-୧

ବିଭିନ୍ନ ବର୍ଜ୍ୟବସ୍ତୁ ଉତ୍ପାଦକଙ୍କଠାରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବ୍ୟବହାର ଗତ ଦେୟ ଆଦାୟ ତାଲିକା- (ମାସିକ)

| କ୍ର.ନଂ | ବିଭାଗ | ମ୍ୟୁନିସିପାଲ କର୍ପୋରେସନ/ମହାନଗର ନିଗମ |
|---|---|---|
| ୧. | ବାସଗୃହ (ଏକମହଲା ଘରର ତିଆରି ଅଂଚଳ, ଏବଂ ବହୁତଳ ଗୃହର ଚଟାଣ ଅଂଚଳ ପାଇଁ ପ୍ରଯୁଜ୍ୟ | |
| i) | <୫୦୦ ବର୍ଗଫୁଟ | ୩୦ ଟଙ୍କା |
| ii) | >୫୦୦ ବର୍ଗଫୁଟ ରୁ ୧୨୦୦ ବର୍ଗଫୁଟ | ୬୦ ଟଙ୍କା |
| iii) | >୧୨୦୦ ବର୍ଗଫୁଟ ରୁ ୩୦୦୦ ବର୍ଗଫୁଟ | ୧୦୦ ଟଙ୍କା |
| iv) | ୩୦୦୦ ବର୍ଗଫୁଟ ରୁ ଉର୍ଦ୍ଧ୍ୱ | ୧୫୦ ଟଙ୍କା |

| | | |
|---|---|---|
| **ଦ୍ରଷ୍ଟବ୍ୟ** – ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ କ୍ଷେତ୍ରରେ ବାସଗୃହର ଚଟାଣ ଅଂଚଳ ମପାଯିବ ଏବଂ ସମସ୍ତ ବାସଗୃହର ବ୍ୟବହାର ଦେୟ ଏକତ୍ର କରି ସୋସାଇଟି ଠାରୁ ଆଦାୟ ହେବ । | | |
| ୨. | **ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ, ଖାଦ୍ୟଗ୍ରହଣସ୍ଥାନ, (ଢାବା,ମିଠାଦୋକାନ, କଫିଘର)) ଦ୍ୱାରା ଅଧୀକୃତ ଅଂଚଳ** | |
| i) | ୧୦୦ ବର୍ଗଫୁଟ ଯାଏ ଅଂଚଳ | ୬୦ ଟଙ୍କା |
| ii) | >୧୦୦ ବର୍ଗଫୁଟ ରୁ ୨୦୦ ବର୍ଗଫୁଟ ମଧ୍ୟରେ | ୧୦୦ ଟଙ୍କା |
| iii) | >୨୦୦ ବର୍ଗଫୁଟ ରୁ ୫୦୦ ବର୍ଗଫୁଟ ମଧ୍ୟରେ | ୧୫୦ ଟଙ୍କା |
| iv) | >୫୦୦ ବର୍ଗଫୁଟ ରୁ ୧୦୦୦ ବର୍ଗଫୁଟ ମଧ୍ୟରେ | ୪୦୦ ଟଙ୍କା |
| v) | ୧୦୦୦ ବର୍ଗଫୁଟ ରୁ ଉର୍ଦ୍ଧ୍ୱ | ୪୦୦ ଟଙ୍କା + ୧୦୦୦ ବର୍ଗଫୁଟ ଉପରେ ପ୍ରତି ୧୦ ବର୍ଗଫୁଟକୁ ଟ୫/- ଲେଖାଏଁ |
| ୩. | **ଅତିଥିଭବନ** | ୭୫୦ ଟଙ୍କା |
| **୪.ହଷ୍ଟେଲ (କୌଣସି ପ୍ରତିଷ୍ଠାନ ପରିସରରେ ହୋଇନଥିବ;ଯେପରି ଶ୍ରମଜୀବୀ ମହିଳା ଆବାସ ଘରୋଇ ଆବାସ ଇତ୍ୟାଦି** | | |
| i) | ୨୦ ଶଯ୍ୟା ପର୍ଯ୍ୟନ୍ତ | ୫୦୦ ଟଙ୍କା |
| ii) | ୨୦ ଶଯ୍ୟାରୁ ଉର୍ଦ୍ଧ୍ୱ | ୫୦୦ ଟଙ୍କା + ପ୍ରତି ଶଯ୍ୟାପିଛା ୫ଟ. ଲେଖାଏଁ |
| ୫. | **ହୋଟେଲ/ରେଷ୍ଟୁରାଣ୍ଟ/ବାର୍** | |
| A | **ଅଣତାରକା ହୋଟେଲ (ନିର୍ମାଣ ଅଂଚଳ)** | |
| i) | ୧୦୦୦ ବର୍ଗଫୁଟ ଯାଏ | ୭୫୦ ଟଙ୍କା |
| ii) | ୧୦୦୦ ବର୍ଗଫୁଟରୁ ଉର୍ଦ୍ଧ୍ୱ | ୧୦୦୦ ଟଙ୍କା |
| B | **ତାରକା ହୋଟେଲ** | |
| i) | ତିନିତାରକା ପର୍ଯ୍ୟନ୍ତ | ୧୫୦୦ ଟଙ୍କା |
| ii) | ତିନିତାରକା ଠାରୁ ଅଧିକ | ୪୦୦୦ ଟଙ୍କା |
| ୬. | **ବ୍ୟବସାୟିକ କାର୍ଯ୍ୟାଳୟ, ସରକାରୀ/ବେସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ** | |

| | | |
|---|---|---|
| | **ଭବିଷ୍ୟନିଧି କାର୍ଯ୍ୟାଳୟ ଇତ୍ୟାଦି(ନିର୍ମାଣ ଅଂଚଳ)** | |
| i) | ୧୦୦୦ ବର୍ଗଫୁଟ ଯାଏ | ୨୦୦ ଟଙ୍କା |
| ii) | ୧୦୦୦ ବର୍ଗଫୁଟ ର ଅଧିକ | ଟ୨୦୦+୧୦୦୦ ବର୍ଗଫୁଟରୁ ଉର୍ଦ୍ଧ୍ୱ ଥିବା ପ୍ରତି୧୦ବର୍ଗଫୁଟକୁଟ୨/- ଲେଖାଏଁ |
| ୭ | **ଉଭୟ ସରକାରୀ/ବେସରକାରୀ ଶିକ୍ଷାନୁଷ୍ଠାନ (ପ୍ଲେ ସ୍କୁଲ,କୋଚିଂ କ୍ଲାସ, ସ୍କୁଲ, କଲେଜ) ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁଷ୍ଠାନର ବିଦ୍ୟାର୍ଥୀ ସଂଖ୍ୟା ସଂପର୍କରେ ଆଫିଡେଭିଟ୍ ରେ ଘୋଷଣାପତ୍ର ଦେବେ)** | |
| **A** | **ଅଣଆବାସିକ** | |
| i) | ୧୦୦ ସଂଖ୍ୟା ଯାଏ | ୫୦୦ ଟଙ୍କା |
| ii) | ୧୦୦ରୁ ୫୦୦ ସଂଖ୍ୟା ଯାଏ | ୮୦୦ ଟଙ୍କା |
| iii) | ୫୦୦ରୁ ୧୦୦୦ ସଂଖ୍ୟା ଯାଏ | ୧୫୦୦ ଟଙ୍କା |
| iv) | ୧୦୦୦ ରୁ ଉର୍ଦ୍ଧ୍ୱ | ୧୫୦୦ଟ + ୧୦୦୦ରୁ ଅଧିକ ପ୍ରତି ୧୦୦ ଛାତ୍ରଙ୍କ ଉପରେ ୧୦୦ ଟଙ୍କା |
| **B** | **ଆବାସିକ** | |
| i) | ୧୦୦ ବିଦ୍ୟାର୍ଥୀ ଯାଏ | ୧୦୦୦ ଟଙ୍କା |
| ii) | >୧୦୦ ରୁ ୫୦୦ ଯାଏ | ୨୦୦୦ ଟଙ୍କା |
| iii) | >୫୦୦ ରୁ ୧୦୦୦ ଯାଏ | ୪୦୦୦ ଟଙ୍କା |
| iv) | >୧୦୦୦ ରୁ ଉର୍ଦ୍ଧ୍ୱ | ୪୦୦୦ଟ +୧୦୦୦ରୁ ଅଧିକ ପ୍ରତି୧୦୦ ଛାତ୍ରଙ୍କ ଉପରେ ୨୦୦ଟଙ୍କା |
| ୮ | **ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ (କ୍ଲିନିକ୍, ଡିସ୍‌ପେନସାରୀ, ପରୀକ୍ଷାଗାର, ରୋଗନିରୂପଣ ଗୃହ, ପରୀକ୍ଷାଗାର, ଡାକ୍ତରଖାନା, ନର୍ସିଂହୋମ-ଅଣ ବାଇଓ ମେଡିକାଲ ବର୍ଜ୍ୟବସ୍ତୁ ଭଳି (MSW) ପାଇଁ** | |
| **A** | **ଶଯ୍ୟାହୀନ ସ୍ୱାସ୍ଥ୍ୟ ଘର ପ୍ରତିଷ୍ଠାନ(HCS)** | ୧୦୦୦ ଟଙ୍କା |
| B | **ଶଯ୍ୟାବିଶିଷ୍ଟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ** | |

| | | |
|---|---|---|
| i) | ୫୦ ଶଯ୍ୟା ପର୍ଯ୍ୟନ୍ତ | ୨୦୦୦ ଟଙ୍କା |
| ii) | >୫୦ ରୁ ୧୦୦ ଶଯ୍ୟା ପର୍ଯ୍ୟନ୍ତ | ୩୦୦୦ ଟଙ୍କା |
| iii) | >୧୦୦ ଶଯ୍ୟାରୁ ଅଧିକ | ୩୦୦୦+୧୦୦ ଶଯ୍ୟା ଉପରେ ପ୍ରତି ଶଯ୍ୟା ଉପରେ ଅଧିକ ୨୦ଟଙ୍କା |
| ୯ | **ଅଣୁକ୍ଷୁଦ୍ର ଏବଂ ମଧ୍ୟମ ବାବସାୟ କେନ୍ଦ୍ର MSME(କେବଳ ବିପଦହୀନ ଅନୁଷ୍ଠାନର ଅଧୀକୃତ ଅଂଚଳ)*** | |
| i) | ୧୦୦୦ ବର୍ଗଫୁଟ ପର୍ଯ୍ୟନ୍ତ | ୨୫୦୦ଟଙ୍କା |
| ii) | ୧୦୦୦ ବର୍ଗଫୁଟ ରୁ ଉର୍ଦ୍ଧ୍ୱ | ୨୫୦୦ଟ + ୧୦୦୦ ବର୍ଗଫୁଟ ଉର୍ଦ୍ଧ୍ୱ ପ୍ରତି ୧୦ ବର୍ଗଫୁଟ ପାଇଁ ୩ ଟଙ୍କା ଲେଖାଏଁ |
| ୧୦ | **ଗୋଦାମ, ମାଲଗୋଦାମ,ଶୀତଳଭଣ୍ଡାର(ବିପଦଶୂନ୍ୟ-ଅଧୀକୃତ ଅଂଚଳ)** | |
| i) | ୧୦୦୦ ବର୍ଗଫୁଟ ପର୍ଯ୍ୟନ୍ତ - | ଟ୧୦୦/- |
| ii) | ୧୦୦୦ ବର୍ଗଫୁଟ ରୁ ଉର୍ଦ୍ଧ୍ୱ - | ଟ୧୦୦/- + ୧୦୦୦ ବର୍ଗଫୁଟ ଉପରେ ପ୍ରତି ୧୦ ବର୍ଗଫୁଟ ଉପରେ ୩ ଟଙ୍କା ଲେଖାଏଁ |
| ୧୧ | **ବିବାହମଣ୍ଡପ, କଲ୍ୟାଣମଣ୍ଡପ, ପାର୍ବଣଗୃହ, ପ୍ରଦର୍ଶନୀ ଓ ମେଳା ଗୃହ, ଉନ୍ମୁକ୍ତ ଜାଗା (ଅସ୍ଥାୟୀ ଟେଣ୍ଟସହ,ପର୍ବପାଳନ ପାଇଁ ସାଧାରଣ ବନ୍ଦୋବସ୍ତ ସହ /ଦିନିକିଆ ବ୍ୟବସ୍ଥା)ଅଧୀକୃତ ଅଂଚଳ ପାଇଁ ପ୍ରତିଦିନ ନିମିତ (ଏହା ଅଣତାରକା/ତାରକା ହୋଟେଲ ବ୍ୟବସ୍ଥା ବାଦ ଦେଇ)** | |
| i) | ୩୦୦ ବର୍ଗମିଟର ପର୍ଯ୍ୟନ୍ତ- | ୨୦୦୦ ଟଙ୍କା |
| ii) | ୩୦୦ ବର୍ଗମିଟର ରୁ ଉର୍ଦ୍ଧ୍ୱ - | ୨୦୦୦ଟ+୩୦୦ ବର୍ଗମିଟର ରୁ ଉର୍ଦ୍ଧ୍ୱ ପ୍ରତି ୧ ବର୍ଗମିଟରକୁ ୧୦ଟଙ୍କା ଲେଖାଏଁ |
| ୧୨ | **ପେଟ୍ରୋଲ ପମ୍ପ (ଅଧୀକୃତ ଅଂଚଳ)** | |
| i) | ୨୦୦୦ ବର୍ଗଫୁଟ ପର୍ଯ୍ୟନ୍ତ - | ୫୦୦ ଟଙ୍କା |
| ii) | ୨୦୦୦ ବର୍ଗଫୁଟ ରୁ ଅଧିକ ପାଇଁ | ୫୦୦ଟ +୫୦୦ ବର୍ଗଫୁଟ ଉପରେ ପ୍ରତି ୧୦ |

| | | |
|---|---|---|
| | | ବର୍ଗଫୁଟକୁ ୫ଟଙ୍କା ଲେଖାଏଁ |
| **୧୩** | **ଶୀତତାପ ନିୟନ୍ତ୍ରିତ ବିୟୁଟି ପାର୍ଲର, ସ୍ପା** | ୨୦୦ ଟଙ୍କା |
| | **ବିୟୁଟି ପାର୍ଲର, ସ୍ପା, ସାଲୁନ୍ (ଶୀତତାପ ନିୟନ୍ତ୍ରଣ ବିନା)** | ୧୫୦ ଟଙ୍କା |
| **୧୪** | **ଛାପାଖାନା(ଅଣ ବିପ୍ନଦଜନକ ବର୍ଜ୍ୟବସ୍ତୁ)** | |
| i) | ୫୦୦ ବର୍ଗଫୁଟ ଯାଏ | ୩୦୦ ଟଙ୍କା |
| ii) | ୫୦୦ ବର୍ଗଫୁଟ ରୁ ଉର୍ଦ୍ଧ୍ୱ ଯାଏ | ୩୦୦ଟ+୫୦୦ ବର୍ଗଫୁଟ ରୁ ଉର୍ଦ୍ଧ୍ୱ ପ୍ରତି ୧୦ ବର୍ଗଫୁଟ କୁ ୩ଟଙ୍କା ଲେଖାଏଁ |
| **୧୫** | **ରାସ୍ତାକଡ ଉଠା ଦୋକାନୀ(ଚିହ୍ନିତ)** | ୧୫୦ ଟଙ୍କା |
| **୧୬** | **ମୋଟର ଗାଡି ସର୍ଭିସିଂ ସେଣ୍ଟର (ଗ୍ୟାରେଜ,ରଙ୍ଗ /ଢଲେଇ ଦୋକାନ/ସର୍ଭିସିଂ ସେଣ୍ଟର)** | |
| i) | ୧୦୦୦ ବର୍ଗଫୁଟ ପର୍ଯ୍ୟନ୍ତ | ଟ୫୦୦/- |
| ii) | ୨୦୦୦ ବର୍ଗଫୁଟ ପର୍ଯ୍ୟନ୍ତ | ଟ୧୦୦୦/- |
| iii) | ୨୦୦୦ ବର୍ଗଫୁଟ ରୁ ଉର୍ଦ୍ଧ୍ୱ | ୧୦୦୦ଟ+୨୦୦୦ ବର୍ଗଫୁଟ ଉପରେ ପ୍ରତି ୧୦ ବର୍ଗଫୁଟକୁ ୫ଟଙ୍କା ଲେଖାଏଁ |
| **୧୭.** | **ପରିବହନ କମ୍ପାନି** | ୧୫୦୦ ଟଙ୍କା |
| **୧୮.** | **(ଦୈନିକ/ସାପ୍ତାହିକ) ହାଟ ଦୋକାନ** | |
| i) | ୨୦୦ ବର୍ଗଫୁଟ ଯାଏ | ଟ୧୦୦/- |
| ii) | ୨୦୦ରୁ ୫୦୦ ବର୍ଗଫୁଟ ଯାଏ | ଟ୨୦୦/- |
| iii) | ୫୦୦ ରୁ ଉର୍ଦ୍ଧ୍ୱ ବର୍ଗଫୁଟ | ଟ୫୦୦/- |
| **୧୯** | **ମାଂସ, ମାଛ, କୁକୁଡା ଦୋକାନ** | ଟ୭୫୦/- |
| **୨୦** | **ମଦ ଦୋକାନ** | ଟ୭୫୦/- |
| **୨୧** | **ରେଲୱେ ଷ୍ଟେସନ ଏବଂ ବସ୍‌ଷ୍ଟାଣ୍ଡ** | ଟ୨୦୦୦/- |
| **୨୨** | **ସିନେମାହଲ ଏବଂ ମଲ୍‌ଟି ପ୍ଲେକ୍ସ ସିଟ୍ ପିଛା** | ଟ୫/- |
| **୨୩** | **ଅନ୍ୟାନ୍ୟ ଯାହା ଉପରେ ଉଲ୍ଲିଖିତ ହୋଇନାହିଁ** | ମ୍ୟୁନିସିପାଲ କର୍ପୋରେସନର ମୂଲ୍ୟାୟନ ଅନୁସାରେ |

ବିପଜ୍ଜନକ ବର୍ଜ୍ୟବସ୍ତୁ ସଂପୃକ୍ତ ଉତ୍ପାଦକଙ୍କ ଦ୍ୱାରା ପରିଚାଳିତ ଓ ଉପଚାରିତ ହେବ ।

## ଅନୁସୂଚୀ-୨

(ଖିଲାପକାରୀଙ୍କ ଉପରେ ମ୍ୟୁନିସ୍‌ପାଲ କର୍ପୋରେସନ ଦ୍ୱାରା ଜୋରିମାନା ନିର୍ଦ୍ଧାରଣ ଦିନ ପିଛା)

| କ୍ର.ନଂ | କାର୍ଯ୍ୟସୂଚୀ | ମ୍ୟୁନିସ୍‌ପାଲ କର୍ପୋରେସନ |
|---|---|---|
| ୧. | **ଜିନିଷ ଏଣେତେଣେ ପକାଇ ଅପରିଷ୍କାର କରିବା** | |
| i) | ବାସସ୍ଥାନର ବାସିନ୍ଦା | ଟ୧୦୦/- |
| ii) | ଦୋକାନୀ | ଟ୧୦୦୦/- |
| iii) | ଜଳଖିଆ ଦୋକାନୀ | ଟ୨୦୦୦/- |
| Iv) | ହୋଟେଲ ମାଲିକ | ଟ୨୦୦୦/- |
| v) | ଶିକ୍ଷାନୁଷ୍ଠାନ | ଟ୫୦୦୦/- |
| vi) | ମିଠା, ଜଳଖିଆ,ଫାଷ୍ଟଫୁଡ୍, ଆଇସ୍‌କ୍ରିମ୍,ଆଖୁରସ, ଓ ଅନ୍ୟାନ୍ୟ ମୃଦୁପାନୀୟ ଏବଂ ପରିବା ଉଠାଦୋକାନୀ | ଟ୧୦୦/- |
| vii) | ମାଂସ ଦୋକାନୀର ଦୋକାନ ସାମ୍ନା ରାସ୍ତାରେ କଟା ହାଡ, ମାଂସ, ପକ୍ଷୀ, ଚର୍ମ, ଅଣ୍ଡାଖୋଳ ଇତ୍ୟାଦି ପକାଇ ଆବର୍ଜନା କଲେ | ଟ୨୦୦୦/- |
| viii) | ବାହାର ଜାଗା ବିବାହ ମଣ୍ଡପ | ଟ୫୦୦/- |
| ix) | ପରିବା ବିକ୍ରି ପରେ ଚୋପା, ପଚାଜିନିଷ ସାଧାରଣ ସ୍ଥାନ, ରାସ୍ତାକଡ ଇତ୍ୟାଦିରେ ପକାଇଲେ | ଟ୧୦୦/- |
| x) | ଘରୋଇ ଚିକିତ୍ସାଳୟ, ଡାକ୍ତରଖାନା, ନର୍ସିଂହୋମ, କ୍ଲିନିକ୍ ଇତ୍ୟାଦିଙ୍କ ଦ୍ୱାରା ସର୍ବସାଧାରଣ ରାସ୍ତା, ଚଲାରାସ୍ତା, ଇତ୍ୟାଦିରେ ଆବର୍ଜନା ପକାଇଲେ | ଟ୨୦୦୦/- |
| ୨. | **ଉତ୍ସରୁ ବର୍ଜ୍ୟବସ୍ତୁର ଅଣ ପୃଥକୀକରଣ ବା ପୃଥକୀକରଣ ନ କରୁଥିଲେ** | |
| i) | ବାସସ୍ଥାନର ବାସିନ୍ଦା | ଟ୧୦୦/- |
| ii) | ଦୋକାନୀ | ଟ୧୦୦୦/- |
| iii) | ଜଳଖିଆ ଦୋକାନୀ | ଟ୨୦୦୦/- |
| Iv) | ହୋଟେଲ ମାଲିକ | ଟ୨୦୦୦/- |
| v) | ଶିକ୍ଷାନୁଷ୍ଠାନ | ଟ୫୦୦୦/- |
| vi) | ମିଠା, ଜଳଖିଆ,ଫାଷ୍ଟଫୁଡ୍, ଆଇସ୍‌କ୍ରିମ୍,ଆଖୁରସ ଏବଂ ଅନ୍ୟାନ୍ୟ ମୃଦୁପାନୀୟ ଏବଂ ପନିପରିବା ଉଠାଦୋକାନୀ | ଟ୧୦୦/- |

| | | |
|---|---|---|
| ୩. | କ୍ରମିକ ସଂଖ୍ୟା ୧ଅଧୀନରେ(**ii ରୁ vi)** ଯାଏ କ୍ଷେତ୍ରରେ ଆବଶ୍ୟକୀୟ ମାତ୍ରାର ବର୍ଜ୍ୟବସ୍ତୁ ଧାରଣ କ୍ଷମ ପାତ୍ର ସେମାନଙ୍କର କାର୍ଯ୍ୟକ୍ଷେତ୍ରରେ ସ୍ଥଳରେ ନ ରଖିଥିଲେ | ଟ୨୦୦୦/- |
| ୪. | ଢାବା, ଜଳଖିଆ ଦୋକାନ ଦ୍ୱାରା ସର୍ବସାଧାରଣ ରାସ୍ତା, ରାଜରାସ୍ତା, ଚଲାପଥ, ସରକାରୀ ଜମି ଇତ୍ୟାଦି ଜବରଦଖଲ କରି ଅବରୋଧ କଲେ | ଟ୧୦୦୦/- |
| ୫. | ରାସ୍ତାରେ ସ୍କୁଟର, ସାଇକେଲ ଇତ୍ୟାଦି ମରାମତି କରିବା କାଳରେ ରାସ୍ତାରେ ତେଲ, କାଦୁଅ, ଏବଂ ପାଣି ପକାଇଲେ | ଟ୧୦୦୦/- |
| ୬. | ସର୍ବସାଧାରଣ ରାସ୍ତାରେ ଟେଣ୍ଟ ପକାଇ ଖାଦ୍ୟ ପ୍ରସ୍ତୁତ କଲେ ଏବଂ ବଳକା ଅଦରକାରୀ ନଷ୍ଟଜିନିଷ ରାସ୍ତାରେ ପକାଇଲେ | ଟ୨୦୦୦/- |
| ୭. | ସେଲୁନ୍‌ମାନଙ୍କ ଦ୍ୱାରା ରାସ୍ତାରେ ଅପରିଷ୍କାର ବସ୍ତୁ ଓ କଟାବାଳ ପକାଇଲେ | ଟ୧୦୦/- |
| ୮. | ସର୍ବସାଧାରଣ ରାସ୍ତା, ମାର୍ଗ, ଜମି ଜବରଦଖଲ ମାଧ୍ୟମରେ ଅବରୋଧ କରି ଦୋକାନୀ କିମ୍ବା ବ୍ୟବସାୟୀଙ୍କ ଦ୍ୱାରା ବ୍ୟବସାୟ କରିବା ଏବଂ ଖାଲିଥିବା ସରକାରୀ ଜାଗା କୁ ଘର ତିଆରି ସାମଗ୍ରୀରେ ଜବରଦଖଲ କଲେ | ୫୦୦୦ଟଙ୍କା, ବାରମ୍ବାର ନିୟମ ଉଲଘଂନ କଲେ ଗୋଟିଏ କେସ୍ ମଧ୍ୟ କରାଯାଇପାରେ |
| ୯. | ଏକ ନିର୍ଦ୍ଧିଷ୍ଟ ଭୌଗୋଳିକ ପରିସୀମା(ବସ୍ତି, ୱାର୍ଡ,ସାହି, ପଡା ଇତ୍ୟାଦି)ରେ ଯେଉଁଠାରେ ବ୍ୟକ୍ତିଗତ ଘରୋଇ ପାଇଖାନା, ସର୍ବସାଧାରଣ ପାଇଖାନା ଇତ୍ୟାଦିର ସୁବିଧା ଅଛି, ସେଠାରେ ବାହାରେ ଶୌଚକର୍ମ କରୁଥିବା ବ୍ୟକ୍ତିଙ୍କୁ ମ୍ୟୁନିସ୍‌ପାଲ କର୍ପୋରେସନ ଜୋରିମାନା କରିପାରେ । | ମ୍ୟୁନିସ୍‌ପାଲ କର୍ପୋରେସନର ଆକଳନ ଅନୁସାରେ |

ସମ୍ବଲପୁର ମ୍ୟୁନିସ୍‌ପାଲ କର୍ପୋରେସନଙ୍କ ଆଦେଶରେ

ବିମଳେନ୍ଦୁ ରାୟ

**କମିଶନର**